# ସୁନାବେଡ଼ାରେ ପର୍ଯ୍ୟଟନ ବିକାଶର ରାସ୍ତା ଖୋଲୁଛି





**ନୂଆପଡ଼ା, ୨୮ ।୩(ସମିସ)**

ନୂଆପଡ଼ା ଜିଲ୍ଲାର ଭୂ-ସ୍ୱର୍ଗ କୁହାଯାଉଥିବା ସୁନାବେଡା ଅଭୟାରଣ୍ୟ ଯେ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀର ଗନ୍ତାଘର ହୋଇ ରହିଛି। ହେଲେ ଏହା ବିଭିନ୍ନ କାରଣରୁ ସମସ୍ତଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି। ଏଠାରେ ଠିକ ସମୟରେ ମାଓବାଦୀମାନେ କରିଡର ତିଆରି କରି ଆଡ୍ଡା ଜମାଇ ରହିଥିବାରୁ ସବୁ ପର୍ଯ୍ୟଟନ ବିକାଶରେ ଭଟା ପଡ଼ିଯାଇଥିଲା। ହେଲେ ବର୍ତ୍ତମାନ ଏକ ପ୍ରକାର ମାଓମୁକ୍ତ ହେବାରେ ଲାଥିବାବେଳେ ଅନ୍ୟପଟେ ଏଠିକାର ଗମନାଗମନର ବିକାଶ ଏକ ନୂଆ ରାହା ଦେଖାଇଛି। ଏହା ପୂର୍ବରୁ ବନ୍ୟପ୍ରାଣୀ ବିଭାଗ ଏଠିକାର ବିଶେଷ କରି ପର୍ଯ୍ୟଟନର ବିକାଶ ପାଇଁ ଏକ ରୋଡମ୍ୟାପ ପ୍ରସ୍ତୁତ କରୁଥିଲେ। ତାହା ବନ୍ଦ ହୋଇପଡ଼ିଥିଲା। ତାହା କେବେ ପୁଣି ଖୋଲିବ ତାକୁ ନେଇ ଲୋକେ ଚାହିଁ ରହିଛନ୍ତି। ପ୍ରକାଶ ଯେ ସମୁଦ୍ର ପତନରୁ ତିନି ହଜାର ଫୁଟ ଉଚ୍ଚତାରେ ଅବସ୍ଥିତ ସୁନାବେଡା ଅଭୟାରଣ୍ୟ। ଏହି ଅଭୟାରଣ୍ୟ ଭିତରେ କୋମନା ବ୍ଲକର ସୁନାବେଡା ଏବଂ ସୋସେଙ୍ଗ ଦୁଇଗୋଟି ପଞ୍ଚାୟତରେ ୫୨ଗୋଟି ଛୋଟ ବଡ ଜନବସତି ରହିଛି। ଏହି ଗାଁ ଗୁଡିକରେ ଆଦିମ ଆଦିବାସୀ ବନବାସୀ ବସବାସ କରୁଥିବାବେଳେ ନିଘଞ୍ଚ ଜଙ୍ଗଲ ଭିତରେ ବହୁ ଦର୍ଶନୀୟ ସ୍ଥାନ ରହିଛି। ଏଠିକାର ସୁନାଦେଈଙ୍କ ପୀଠ ମୁଖ୍ୟ ରହିଥିବାବେଳେ ଖରଳ ଧସ, ବେନୁଆଧସ, ଗୋଧସ ଭଳି ଜଳ ପ୍ରପାତ ରହିଛି। ଘଞ୍ଚ ଜଙ୍ଗଲ ପ୍ରକୃତି ପ୍ରେମୀଙ୍କୁ ଏକ ଭିନ୍ନ ଆନନ୍ଦ ଦେଇଥାଏ। ଏସବୁକୁ ଭିତି କରି ଆଜିକୁ ୧୮/୧୯ବର୍ଷ ତଳେ ବନ୍ୟପ୍ରାଣୀ ବିଭାଗ ପର୍ଯ୍ୟଟକମାନଙ୍କ ସକାଶେ ଭିତିଭୂମି ପ୍ରସ୍ତୁତ କରୁଥିଲା। ସୁନାବେଡା ବସ୍ତି ଭିତରେ

- ୧୯ ବର୍ଷ ତଳେ ଶୁଭ ଦେଇଥିଲା ବନ୍ୟପ୍ରାଣୀ ବିଭାଗ
- ମାଓବାଦୀଙ୍କ ପ୍ରବେଶ ପରେ ବନ୍ଦ ହୋଇପଡ଼ିଛି

ଏକ ଭବ୍ୟ ଡାକ ବଙ୍ଗଳା ତିଆରି କରାଯାଇଛି। ବେନୁଆଧସ ନିକଟରେ ବିଦେଶୀ ପର୍ଯ୍ୟଟକମାନଙ୍କୁ ଆକର୍ଷଣ କରିବା ସହ ସେମାନଙ୍କ ପାଇଁ ରହଣୀ ବ୍ୟବସ୍ଥା କରିବାକୁ ନିହ ପକାଇଥିଲା। ଅସ୍ଥାୟୀ ଘର ତିଆରି କରିବାକୁ ସିମେଣ୍ଟର ବହୁ ମୂଲ୍ୟ ପିଣ୍ଡି ତିଆରି କରିଥିଲେ। ହେଲେ ଠିକ ସମୟରେ ୨୦୦୭-୦୮ରେ ସୁନାବେଡା ଅଭୟାରଣ୍ୟକୁ ମୈନପୁର ଡିଭିଜନର ମାଓବାଦୀମାନେ ପ୍ରବେଶ କରି ବିଭିନ୍ନ କାଣ୍ଡ କାରନାମା କରିବା ପରେ ଏକ ପ୍ରକାର ବନ୍ୟପ୍ରାଣୀ ବିଭାଗକୁ ନୋଏଣ୍ଟ୍ରି ହୋଇଯାଇଥିଲା। ସେହି ଦିନଠାରୁ ସୁନାବେଡା ଅଭୟାରଣ୍ୟ ତଥା ତଟବର୍ତ୍ତି ଅନଚଳରେ ମାଓବାଦୀମାନେ ପୁଲିସ ଏବଂ ବନବିଭାଗକୁ ଚ୍ୟାଲେଞ୍ଜ କରି ମାଓ କରିଡର କରି ରଖିଥିଲେ। ହେଲେ ପୁଲିସ ବିଭାଗର ପ୍ରସ୍ତୁତି ପରେ ଜିଲ୍ଲାରେ ସିଆପିଏ' ୨୧୬ବାଟାଲିୟନର ସ୍ଥାପନ ଏବଂ ଅଭୟାରଣ୍ୟ ଭିତରେ ୪/୫ଗୋଟି ଅସ୍ଥାୟୀ କ୍ୟାମ୍ପ ନିର୍ମାଣ ପରେ ବର୍ତ୍ତମାନ ଏକ ପ୍ରକାର ମାଓମୁକ୍ତ ହେବାରେ ଲାଗିଛି। ଏଠାକୁ ସାଧାରଣ ଜନତାଙ୍କ ଚଳ ପ୍ରଚଳ ସହଜ ସରଳ ହେବାରେ ଲାଗିଛି। ବର୍ତ୍ତମାନ ସୁନାଦେଈ ପୀଠର ବିକାଶ ସହ ସୁନାବେଡାକୁ ଅନ୍ୟୁନ ୩୨କୋଟିଟଙ୍କା ଖର୍ଚ୍ଚରେ ଏକ ପ୍ରଶସ୍ତ ରାସ୍ତା ତିଆରି ଚାଲିଛି। ଏଥି ସହ ପର୍ଯ୍ୟଟନ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଜଳ ପ୍ରପାତ ଗୁଡିକର ବିକାଶ କରିବା ସହ ପର୍ଯ୍ୟଟକମାନଙ୍କ ପାଇଁ ବ୍ୟବସ୍ଥା କରାଯିବା ଦରକାର ବୋଲି ବନ୍ୟପ୍ରାଣୀ ବିଭାଗ ୱାର୍ଡେନ ମାୟାଧର ସରା' କହିଛନ୍ତି। ଏହିଭଳି ସୁନାବେଡାରେ ପର୍ଯ୍ୟଟନର ବିକାଶ ହେଲେ ଉପତ୍ୟକାବାସୀଙ୍କ ଆର୍ଥିକ ମାନଦଣ୍ଡରେ ମଧ୍ୟ ପ୍ରଭାବ ପକାଇବବୋଲି ପୂର୍ବତନ ସରପନଚ ନାରଦ ସିଂ ଛତ୍ରିଆ କହିଛନ୍ତି।

# ଏନ୍‌ଏସି ଘୋଷଣାର ୧୧ ବର୍ଷ ପରେ ବି ଅବସ୍ଥା ସୁଧୁରୁନି

**ନୂଆପଡ଼ା, ୨୮ ।୩(ସମିସ):** ନୂଆପଡ଼ାର ତେଲିପଡ଼ା। ଏକଦା ଏହା ରାଜ୍ୟର ଗୋଟିଏ ମାତ୍ର ଜିଲ୍ଲା ସଦର ମହକୁମା ଯାହାକି ଏକ ପଞ୍ଚାୟତ ଭାବରେ ରହିଆସିଥିଲା। ଏଠିକାର ବିକାଶର ଧାରାକୁ ତ୍ୱରାନ୍ୱିତ କରିବାକୁ ୧୧ ବର୍ଷ ତଳେ ୨୦୧୩ରେ ଏନଏସିର ମାନ୍ୟତା ଦିଆଗଲା। ଏଠିକାର ବିକାଶ ପାଇଁ ସବୁ ପ୍ରକାର ସରକାରୀ ଉଦ୍ୟମ କରାଯାଇଛି; ହେଲେ ସ୍ଥାନୀୟ ଅଧିକାରୀଙ୍କ ଉଦାସୀନତା ଯୋଗୁଁ ବିକାଶ ଆଶାନୁରୂପ ହୋଇପାରୁନାହିଁ। ଜିଲ୍ଲା ସଦର ମହକୁମାର ସର୍ବ ପୁରାତନ ପଡ଼ା ପ୍ରତି ଏହା କୁଠାରଘାତ। ଜିଲ୍ଲା ସଦର ମହକୁମା କହିଲେ ତେଲିପଡ଼ା ଭଳି ପୁରାତନ ପଡ଼ା ଏକ ମାଇଲଖୁଣ୍ଟ ସଦୃଶ। ଏହା ନୂଆପଡ଼ା ସହରର ଗୋଟିଏ ପ୍ରକାର ପ୍ରବେଶ ପଥରେ ରହିଛି। ତେଲିପଡ଼ା କହିଲେ ୱାର୍ଡ ନମ୍ବର ୪ ଏବଂ ୫ନମ୍ବରକୁ ବୁଝାଇଥାଏ। ଏହି ପଡ଼ାର ଲୋକେ ନୂଆପଡ଼ାର ବିକାଶର ଧାରାକୁ ଆରମ୍ଭରୁ ଦେଖିଆସୁଛନ୍ତି। ସହରର ଅନ୍ୟାନ୍ୟ ପଡ଼ା ଏବଂ ଗଳିର ଉନ୍ନତି ହେଉଛି; ହେଲେ ଏଠିକାର ବିକାଶ ପ୍ରତି ଏନଏସି ଆଖି ବୁଜି ଦେଉଥିବା ପଡ଼ାବାସୀ ଅଭିଯୋଗ କରିଛନ୍ତି। ପଡ଼ାର ଭାରତ ଛକ ଦେଇ ପ୍ରବେଶ କଲେ ସବୁ ସ୍ଥିତି ଜଳ ଜଳ ହୋଇ ବାରି ହୋଇପଡ଼ିଥାଏ। ମୁଖ୍ୟ ରାସ୍ତାରେ ନାଳ ହୋଇଥିବାରୁ ଦୁର୍ଘଟଣା ଘଟିଥାଏ। ଡ୍ରେନଗୁଡିକରେ ପାଣି ରହିଥିବାରୁ ମଶାମାଛି ଭର ଭଣ। ଏପରିକି

- ନୂଆପଡ଼ା ତେଲିପଡ଼ାର ଅବସ୍ଥା ସଙ୍ଗିନ

ଡ୍ରେନ ପାଣି ରାସ୍ତା ଉପରେ ଗଡୁଥିବାରୁ ଲୋକେ ରୋଗରେ ଆକ୍ରାନ୍ତ। ବିଜୁଳ, ପାଣି ଭଳି ମୌଳିକ ସୁବିଧା ମଧ୍ୟ ଲୋକଙ୍କୁ ମିଳୁ ନ ଥିବାରୁ ପଡ଼ାବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହା ଉପରେ କାଉନସିଲର ଥାନେଶ୍ୱର ସୁନା ମଧ୍ୟ ବିଭିନ୍ନ ସମୟରେ ଏନଏସିର ଦୃଷ୍ଟି ଆକର୍ଷଣ କରିଆସିଛନ୍ତି। ରାସ୍ତା ନିର୍ମାଣକୁ ନେଇ ଟେଣ୍ଡର ହୋଇଥିବା କୁହାଯାଉଛି; ହେଲେ ଠିକ୍ ସମୟରେ କାମ ସବୁ ଆରମ୍ଭ କରାଯାଇ ନ ନଥିବାରୁ ଏଭଳି ସ୍ଥିତି ହେଉଛି।

# ବିଜେପି ନେତାଙ୍କ ବିଜେଡିରେ ଯୋଗଦାନ



**କେସିଙ୍ଗା, ୨୮ ।୩(ସମିସ):** କେସିଙ୍ଗା ୱାର୍ଡ ନଂ ୧୨ର ପୂର୍ବତନ ବିଜେପି କାଉନସିଲର ପ୍ରାର୍ଥୀ ସୁରେଶ ସାହୁ ଗୁରୁବାର ଆନୁଷ୍ଠାନିକ ଭାବେ ବିଜେଡିରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଓ ନିର୍ମଳ ଶାସନରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଥିବା ସେ ପ୍ରକାଶ କରିଛନ୍ତି। ତାଙ୍କୁ ଦଳୀୟ ସଭାନେତ୍ରୀ ତଥା ବିଜେଡି ସଦର ବିଧାନସଭା ବିଧାୟକ ପ୍ରାର୍ଥୀ ଲଳିତା ନାଏକ ଦଳୀୟ ଉତ୍ତରୀୟ ଓ ଫୁଲମାଳ ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ନଗର ସଭାପତି ରମେଶ ପଟ୍ଟନାୟକ, ନଗରପାଳ ନୃପରାଜ ଯାଦବ, କାଉନସିଲର ହେମ ସୁନା, ଯୁବ ନେତା ସିଲୁ ପରିଡ଼ା, ନର ନିଆଲଙ୍କ ସମେତ ବିଜେଡିର ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଅଜଣା ଗାଡ଼ି ଧକ୍କାରେ ପୋଢ଼ର ମୃତ୍ୟୁ

**ଲାଞ୍ଜିଗଡ଼, ୨୮ ।୩(ସମିସ):** ଲାଞ୍ଜିଗଡ଼ଠାରୁ ବିଶ୍ୱନାଥପୁରକୁ ସଂଯୋଗ କରୁଥିବା ଆଶ୍ରମପଡ଼ା ପୋଖରୀ ନିକଟ ରାସ୍ତାରେ ଗତ ରାତିରେ ଏକ ଅଜଣା ଗାଡି ଧକ୍କାରେ ଏକ ପୋଢ଼ର ମୃତ୍ୟୁ ଘଟିଛି। ଲୋକେ ସକାଳେ ସେହି ରାସ୍ତାରେ ଗଲାବେଳେ ପୋଢ଼ଟି ରାସ୍ତା ଉପରେ ମରି ପଡ଼ିଥିବା ଦେଖିଥିଲେ। ରାତ୍ର ସମୟରେ ପୋଢ଼ଟି ପୋଖରୀରୁ ବାହାରୁଥିବା ସମୟରେ କୌଣସି ଭାରିଯାନ ଧକ୍କା ଦେଇଥିବା ଅନୁମାନ କରାଯାଉଛି। ପୋଢ଼ଟି କାହାର ଜଣା ପଡ଼ିନାହିଁ। ପୋଖରୀ ନିକଟ ରାସ୍ତାରେ ପୋଢ଼ର ମୃତ ଦେହ ପଡ଼ିଥିବା ନେଇ ଲାଞ୍ଜିଗଡ଼ ପଞ୍ଚାୟତକୁ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନ ନେବାରୁ ପ୍ରାୟ ୧୩ ଘଣ୍ଟା ପର୍ଯ୍ୟନ୍ତ ମୃତ ଶରୀର ଉଦ୍ଧାର କରାଯାଇ ନ ଥିଲା। ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ସନ୍ଧ୍ୟାରେ ସରପଞ୍ଚ ସରସ୍ୱତୀ ମୁଣ୍ଡା ଘଟଣାସ୍ଥଳରେ ପହଞ୍ଚି ଏକ ଜେସିବି ସହାୟତାରେ ପୋଢ଼ର ମୃତ ଦେହ ଘଟଣାସ୍ଥଳରୁ ଉଠାଇ ଅନ୍ୟତ୍ର ସ୍ଥାନାନ୍ତର କରିଥିଲେ।

# ଗାନ୍ଧୀନଗରରେ ହୋଲି ଉତ୍ସବ

**କର୍ଲାମୁଣ୍ଡା, ୨୮ ।୩(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଗାନ୍ଧୀନଗରଠାରେ ୩୪ତମ ରଙ୍ଗର ପର୍ବ ହୋଲି ଉତ୍ସବ ଧୂମ୍‌ଧାମର ସହିତ ପାଳିତ ହୋଇଯାଇଛି। ୩ ଦିନ ଧରି ଚାଲିଥିବା ଏହି ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ପରିଚାଳନା କମିଟି ସଭାପତି କବିରାଜ ସୁନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବରେ ଗ୍ରାମ ଉନ୍ନୟନ କମିଟି ସଭାପତି ନନ୍ଦ କିଶୋର ରଣା, ସମାଜସେବୀ ତଥା ଉଦ୍ୟୋଗପତି ଶିବଲାଲ କେଡିଆ, ଯୁବ ସମାଜସେବୀ ତ୍ରିଶଙ୍କ ରଣା, ନାଏବ ସରପଞ୍ଚ ନରେଶ ଦାସ, ଉପସଭାପତି ସୂର୍ଯ୍ୟମଣି ସୁନା, ସମ୍ପାଦକ ସଚ୍ଚିଦାନନ୍ଦ ନାଏକ, ଯୁଗ୍ମ ସମ୍ପାଦକ ସତ୍ୟ ନାରାୟଣ କୁମାର, କୋଷାଧକ୍ଷ ଚୈର୍ମେନ କୁମାର ପ୍ରମୁଖ ଯୋଗଦେଇ ୩୪ ବର୍ଷ ଧରି ଚାଲି ଆସିଥିବା ଏହି ଉତ୍ସବର କମିଟି କର୍ମକର୍ତ୍ତାଙ୍କୁ ପ୍ରଶଂସା କରିବା ସହ ସବୁଦିନ ପାଇଁ ଚାଲୁ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଚାକିରୀରୁ ଅବସର ଗ୍ରହଣ କରିଥିବା ଘାସିରାମ ସୁନା, ତ୍ରିନାଥ ନାଏକ, କୃପାସିନ୍ଧୁ କୁମାର, ଚୁମ୍ବନ ସୁନା, ମୂର୍ତ୍ତି କଳାକାର ରାଉତ ସୁନା ଓ ବରିଷ୍ଠ ଗ୍ରାମରକ୍ଷୀ ଜନକ ସୁନାଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ବରିଷ୍ଠ ସାମ୍ବାଦିକ ନରୋତ୍ତମ ସେଲମା ମଞ୍ଚ ପରିଚାଳନା କରିଥିବା ବେଳେ ମିନକେତନ ସୁନା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ରଜନୀରେ କଳସ ଯାତ୍ରା, ଦ୍ୱିତୀୟ ରଜନୀରେ ମହିଳାମାନଙ୍କ ଦ୍ୱାରା ଅଭିନୀତ ସୀତା ଚୋରି ନାଟକ ଓ ତୃତୀୟ ରଜନୀରେ ଦଣ୍ଡ ନୃତ୍ୟ ହୋଇଥିଲା। ହୋଲି ଖେଳ ଦିନ ଡ୍ୟାନ୍ସ ଧମାକା ଦର୍ଶକଙ୍କ ମନ ମୋହିଥିଲା। ପ୍ରଭାକର କୁମାର, ଥୟଚନ୍ଦ୍ର କୁମାର, ବିବେକ ସୁନା, ପ୍ରକାଶ ସୁନା, ଅଞ୍ଜୁ କୁମାର ସୁନା, ଯେମନ୍ତ ସୁନା, ଭଗବାନ କୁମାର, ନରେନ୍ଦ୍ର ନାଗ, ସୌଭାଗ୍ୟ କୁମାର ପ୍ରମୁଖଙ୍କ ନେତୃତ୍ୱରେ ପଡ଼ାବାସୀ ସହଯୋଗ କରିଥିଲେ।



- ଗମ୍ଭାରୀଗୁଡ଼ାରେ ବିଶ୍ୱ ନାଟ୍ୟ ଦିବସ

# 'କଳା ଦ୍ୱାରା ହିଁ ସମାଜ ଶୃଙ୍ଖଳିତ ହେବ'

**ସିନାପାଲି, ୨୮ ।୩(ସମିସ):** ନୂଆପଡ଼ା ଜିଲ୍ଲା ସାନାପାଲି ବ୍ଲକ ଗମ୍ଭାରୀଗୁଡ଼ା ଗ୍ରାମରେ ବିଶ୍ୱ ନାଟ୍ୟ ଦିବସ ପାଳନ କରାଯାଇଛି। କଳା ମାଧ୍ୟମରେ ହିଁ ସମାଜରେ ଶୃଙ୍ଖଳା ଆସିବ ବୋଲି ଏଥିରେ ଯୋଗ ଦେଇଥିବା ଅତିଥିଗଣ ମତବ୍ୟକ୍ତ କରିଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାମଗଡ଼ ବିକାଶ କମିଟି ସଭାପତି ରାହାସ ବିହାରୀ ମେହେର, ସ୍ୱତନ୍ତ୍ର ଅତିଥି ଭାବେ ସଂସ୍କୃତ ଶିକ୍ଷକ ସନ୍ନ୍ୟାସୀ ଦାସ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଏବିଇଓ ମୁକୁନ୍ଦ ମେହେର, ପ୍ରଧାନ ଶିକ୍ଷକ ଗୋବର୍ଦ୍ଧନ ମେହେର ଯୋଗ ଦେଇଥିଲେ। ଏହି ଅବସରରେ ବିଶ୍ୱ ନାଟ୍ୟ ଦିବସର ମହତ୍ୱ ସହ 'ରାମଗଡ଼କୁ ପୁଣି ଆସିବେ ରାମ' ଶୀର୍ଷକ ଆଲୋଚନାଚକ୍ରରେ ବକ୍ତାମାନେ ଆଲୋଚନା କରିଥିଲେ। ନାଟ୍ୟକାର ଭୀଷ୍ମରାଜ ମେହେରଙ୍କ ରଚିତ 'ଫେର୍ ରାମ ଆସବେ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ।

ଯୁବ କଳାକାର ଭୀଷ୍ମରାଜ ମେହେରଙ୍କ ଉଦ୍ୟମ ଓ ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ସଭାରେ ଗଦାଧର ମେହେର ସଭାପତିତ୍ୱ କରିଥଲେ। ଟିକେରାମ ମେହେର ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥଲେ। ଝଙ୍କର ସଦାନନ୍ଦ ଭୋଇଙ୍କ ଦ୍ୱାରା ପୂଜାପାଠ ପରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଘୁମୁରା ବାଦକ ଭୂପସିଂ ଭୋଇ ଓ ସାଥିଙ୍କୁ ସମ୍ମାନିତ କରାଯାଇଥିଲା। ଗୁରୁ ଗଣେଶରାମ ଖର୍ସେଲ, ଭବେଶ ମେହେର ସଂକୀର୍ତ୍ତନ ପରିବେଷଣ କରିଥିଲେ। ସୀମା ମେହେର ଏବଂ ଟେରେସା ମେହେରଙ୍କ ଦ୍ୱାରା ନୃତ୍ୟାଭିନୟ ପରିବେଷଣ କରାଯାଇଥିଲା।



# ବିକାଶ କଲେଜରେ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ

**ଭବାନୀପାଟଣା, ୨୮ ।୩(ସମିସ):** ଭବାନୀପାଟଣାସ୍ଥିତ ବିକାଶ ଡ଼ିଗ୍ରୀ ମହାବିଦ୍ୟାଳୟରେ ତୃତୀୟ ବର୍ଷ ଛାତ୍ରଛାତ୍ରୀମାନଙ୍କ ବିଦାୟୀକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ କାର୍ଯ୍ୟକ୍ରମରେ ବିକାଶ ଗ୍ରୁପର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ଼ି ନାଗେଶ୍ୱର ରାଓ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇ ତାଙ୍କର ସଫଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ବିକାଶ ଗ୍ରୁପ୍ ନିର୍ଦ୍ଦେଶକ ଡ଼ି. ରାମ କୁମାର, ବିକାଶ ଅନୁଷ୍ଠାନର ପରିଚାଳନା କମିଟି ସଦସ୍ୟା ଡ଼ି. ପଦ୍ମିନୀ ଓ ବିକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ବରଗଡ଼) ର ଉପାଧ୍ୟକ୍ଷ ଡ଼. ପୁର୍ଣ୍ଣେନ୍ଦୁ ମିଶ୍ର, ଆଇଟି ଏଣ୍ଡ ମ୍ୟାନେଜ୍‌ମେଣ୍ଟ ଅଧକ୍ଷ ଡ଼. ସୁଦୀପ୍ତ ଜେନା, ବିଜ୍ଞାନ ବିଭାଗ ଅଧକ୍ଷ ଡ଼. ଆଦିତ୍ୟ ପଟ୍ଟନାୟକ, ନର୍ସିଂ ମହାବିଦ୍ୟାଳୟର ଅଧକ୍ଷା କେ. ଜୟଶ୍ରୀ ମଧ୍ୟ ଛାତ୍ରଛାତ୍ରୀମାନଙ୍କୁ କଠିଣ ପରିଶ୍ରମ କରି ସଫଳ ହେବାକୁ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଏହି ଅବସରେ ବିକାଶ ଆଇଟି ଏଣ୍ଡ ମ୍ୟାନେଜ୍‌ମେଣ୍ଟ ବିଭାଗର ସିତାଂଶ ମୁଣ୍ଡ ଓ ସ୍ୱାକୃତି ମୁଣ୍ଡ ଏବଂ ବିଜ୍ଞାନ ବିଭାଗର ଚନ୍ଦ୍ରକାନ୍ତି ଘିଭେଲାଙ୍କୁ ଶ୍ରେଷ୍ଠ ଛାତ୍ରଛାତ୍ରୀ ଭାବେ ଭି. ଜେମ ପୁରସ୍କାର ପ୍ରଦାନ କରଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ବରିଷ୍ଠ ଅଧ୍ୟାପକ ଜ୍ଞାନ ରଞ୍ଜନ ମିଶ୍ର, ଜନସମ୍ପର୍କ ଅଧିକାରୀ ଅମୀୟ ମହାନ୍ତି, ସ୍ମରଣ ପାତ୍ର, ମୁକେଶ ଅଧିକାରୀ ଓ ଅନୁଷ୍ଠାନର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଉକ୍ତ କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ।




# ଦାମୋଦର ରାଉତଙ୍କ ସ୍ମୃତିଚାରଣ



**କେସିଙ୍ଗା, ୨୮ ।୩(ସମିସ):** ବାଲସୀ ପଞ୍ଚାୟତ ମଶାଣିବନ୍ଧରେ ସ୍ୱର୍ଗତ ଦାମୋଦର ରାଉତଙ୍କ ଅମର ଆତ୍ମାର ସଦଗତି କାମନା କରି ଶୋକସଭା ସହ ନୀରବ ପ୍ରାର୍ଥନା କରାଯାଇଛି। ବାଲସି ପଞ୍ଚାୟତ ବିଜେଡି ସଭାପତି ଠାକୁର ସାହୁ, ଉତ୍ତର ମହଲା, କେସିଙ୍ଗା ଜୋନ ସଭାପତି ଗୋପାଳ ସାହୁ, ପୂର୍ବତନ କାଉନସିଲର ମହେନ୍ଦ୍ର ନାଏକ, କଳାକାହ୍ନୁ ସାହୁ, ତେଜୁରାମ ସାହୁ, ଭବସିନ୍ଧୁ ଛତର, ରୁଦ୍ରମଣୀ ସାହୁ, ଭରତ ସାହୁ, ଦେବାନନ୍ଦ କୁମାରଙ୍କ ସମେତ ଅନେକ ବିଜେଡି କର୍ମୀ ଯୋଗ ଦେଇ ଦାମୋଦର ରାଉତଙ୍କ ସ୍ମୃତିଚାରଣ କରିଥିଲେ।

- ଗ୍ରୀନ୍ ବଲ୍ ନକ୍‌ଆଉଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଚିଲଡଙ୍ଗରୀକୁ ହରାଇ ଜୟପାଟଣା ଚାମ୍ପିଅନ୍

**କୋକସରା, ୨୮ ।୩(ସମିସ):** କୋକସରା ବ୍ଲକ ବାଟିଗୁଡା ଖେଳପଡ଼ିଆଠାରେ ଚାଲିଥିବା ମା' ଲଙ୍କେଶ୍ୱରୀ ଗ୍ରୀନ୍ ଟେନିସ ନକଆଉଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳ ଗୁରୁବାର ଅନୁଷ୍ଠିତ ହୋଇଛି। ଫାଇନାଲ ଖେଳରେ ଚିଲଡଙ୍ଗରୀକୁ ହରାଇ ଜୟପାଟଣା ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ୍ ହୋଇଛି। ପ୍ରଥମେ ଚିଲଡଙ୍ଗରୀ ଦଳ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୨ ଓଭରରୁ ୧୧.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୦୯ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଜୟପାଟଣା ଦଳ ୧୧.୪ ଓଭରରେ ୩ ଉଇକେଟ ବିନିମୟରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଛି। ଅମ୍ପାୟାର ଭାବେ ଲୁନା ତ୍ରିପାଠୀ ଓ ପବିତ୍ର ଦଳପତି ଖେଳ ପରିଚାଳନା କରିଥିଲେ। ସ୍କୋରର ଦାୟିତ୍ୱ ଯୋଗେଶ ଧ.ମାଝୀ ତୁଲାଇଥିବା ବେଳେ ହିରଣ୍ୟ ବେହେରା, ସୁଶାନ୍ତ ଦଳପତି ଓ ମନମୋହନ ଦାସ ଧାରା ବିବରଣୀ ପ୍ରଦାନ କରିଥିଲେ। ଫାଇନାଲ ଖେଳର ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ଅରୁଣ ଶବର, ପିତାମ୍ବର ଦଳପତି, ଶଶୀନ୍ଦ୍ର ଦଳପତି, ବେଣୁଧର ଦଳପତି, ଭୀଷ୍ମରଥି ପୁଝାରୀ, ପୁରନ୍ଦର ଦଳପତି, ପରମେଶ୍ୱର ବାଗ, ଜୟଲାଲ ତାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ। ଅତିଥି ମାନଙ୍କ ଦ୍ୱାରା ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ମ୍ୟାନ ଅଫଦି ମ୍ୟାଚ୍ ଜୟପାଟଣା ଟିମର ଅଜୁ ଓ ମ୍ୟାନ ଅଫ ଦି ସିରିଜ ଚିଲଡ଼ଙ୍ଗରୀର ଆଲୋକ ବିବେଚିତ ହୋଇଛନ୍ତି। ଆୟୋଜକ ଅନୁଷ୍ଠାନର ପରମାନନ୍ଦ ଧ.ମାଝୀ, ମହେନ୍ଦ୍ର ପାଣିଗ୍ରାହୀ, ତୋଫାନ ଜାଲ, ପିତାମ୍ବର ତାଣ୍ଡି, ଜଗନ୍ନାଥ ସରାଫ, ରାହୁଲ ଦୁର୍ଗା, ବିଶ୍ୱମ୍ବର ଦଳପତି, କୈଳାଶ ପୁଝାରୀ, ଉଦେ ଦଳପତି, ଉଦିତ ନାରାୟଣ ଦଳପତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



## ବଢୁଛି ତାତି; ଜଳଛତ୍ରର ଦେଖାନାହିଁ

# ତୃଷ୍ଣା ମେଣ୍ଟାଇବା ଲାଗି ହନ୍ତସନ୍ତ ଲୋକେ

**କୋକସରା, ୨୮ ।୩(ସମିସ)**

ସାରା ରାଜ୍ୟରେ ଏବେ ତାତିର ମାତ୍ରା ବୃଦ୍ଧି ପାଉଛି। ଖରା ଦାଉରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଅଧିକାଂଶ ସ୍ଥାନରେ ପାରଦ ୪୦ଂକୁ ପାର୍‌କରିସାରିଲାଣି। ଜରୁରୀ କାର୍ଯ୍ୟପାଇଁ ବାହାରକୁ ଯାଇଥିବା ଲୋକଙ୍କ ପାଇଁ ଖରାରେ ଯା' ଆସ କରିବା କଷ୍ଟକର ହୋଇ ପଡ଼ିଛି। ମଣିଷଠାରୁ ଆରମ୍ଭ କରି ପଶୁ ପକ୍ଷୀ ବି ସମସ୍ତେ ଖରାରେ ଅସ୍ତବ୍ୟସ୍ତ। ଗ୍ରୀଷ୍ମ ଋତୁ ଆସିଲେ ଲୋକଙ୍କୁ ତୃଷ୍ଣା ମେଣ୍ଟାଇବା ଲାଗି ବିଭିନ୍ନ ସ୍ଥାନରେ ଜଳଛତ୍ର କେନ୍ଦ୍ର ଖୋଲିବା ନିୟମ ରହିଛି; ହେଲେ ମାର୍ଚ୍ଚ ମାସ ଶେଷ ହେବାକୁ ଥିବାବେଳେ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକର ୨୨ଟି ପଞ୍ଚାୟତର କୌଣସି ସ୍ଥାନରେ ଏ ପର୍ଯ୍ୟନ୍ତ ପ୍ରଶାସନିକସ୍ତରରେ ଜଳଛତ୍ର କେନ୍ଦ୍ରଟିଏ ଖୋଲାଯାଇନାହିଁ। ଜିଲ୍ଲାରେ ପାରଦ ଏବେ ୪୧ °ରୁ ଅଧିକ ଥିବାବେଳେ ଦିନକୁ ଦିନ ଖରାର ପ୍ରକୋପ ବଢ଼ିଚାଲିଛି। ସାଧାରଣ ଜନତାଙ୍କଠାରୁ ଆରମ୍ଭ କରି ପଥଚାରୀମାନେ ଜଳଛତ୍ର ଖୋଲି ନ ଥିବାରୁ ପାଣି ମୁନ୍ଦାଏ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ଏମିତି କି ବ୍ଲକ କାର୍ଯ୍ୟାଳୟରେ ମଧ୍ୟ ସାଧାରଣ ଲୋକଙ୍କ ପାଇଁ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା ନାହିଁ। ତେଣୁ ବିଭିନ୍ନ କାର୍ଯ୍ୟ ପାଇଁ ବ୍ଲକକୁ ଆସୁଥିବା ଲୋକେ ଶୋଷ ହେଲେ ତୃଷ୍ଣା ମେଣ୍ଟାଇବା ପାଇଁ ଅନେକ ହଇରାଣ ହରକତ ହେଉଛନ୍ତି। ଅନେକ ଲୋକେ ମିଶନ ଶକ୍ତି କାଫେ କିମ୍ବା ଆଖ ପାଖରେ ଥିବା ଚା' ଦେକାନ, ପାନ ଦେକାନକୁ ଯାଇ ପାଣି ପିଉଥିବା ମଧ୍ୟ ଦେଖିବାକୁ ମିଳୁଛି। ଏ ନେଇ କୋକସରା ବିଡିଓ ସେହ୍ନପ୍ରଭା ମାଝୀଙ୍କୁ ପଚାରିବାରୁ ଜଳଛତ୍ର ଖୋଲିବା ପାଇଁ ସବୁ ପଞ୍ଚାୟତକୁ କୁହାଯାଇଛି। ବ୍ଲକ କାର୍ଯ୍ୟାଳୟ ପରିସରରେ ମଧ୍ୟ ଥଣ୍ଡା ପାନୀୟ ଜଳ ନିମନ୍ତେ ଶୀଘ୍ର ଫ୍ରିଜର ଲଗାଯିବ ବୋଲି କହିଛନ୍ତି।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ପ୍ରଫୁଲ୍ଲ କୁମାର ମଲ୍ଲିକ୍

ଆବିର୍ଭାବ: ୨୩.୦୭.୧୯୬୪
ତିରୋଧାନ: ୧୫.୦୩.୨୦୨୪

ସୂଚନା ଓ ଲୋକସମ୍ପର୍କ ବିଭାଗର ଆପଣ ଥିଲେ ଜଣେ ଦକ୍ଷ ଅଧିକାରୀ। ଆପଣଙ୍କ ବିୟୋଗ ଆମ ସମସ୍ତଙ୍କ ପାଇଁ ଏକ ଅପୂରଣୀୟ କ୍ଷତି। ଆପଣଙ୍କ ସରଳ ଅମାୟିକ ବ୍ୟବହାର, କର୍ତ୍ତବ୍ୟନିଷ୍ଠା, କାର୍ଯ୍ୟଦକ୍ଷତା ପାଇଁ ଆପଣ ସର୍ବଦା ସ୍ମରଣୀୟ ହୋଇ ରହିବେ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ :
ପରିବାରବର୍ଗ, ସୂଚନା ଓ ଲୋକସମ୍ପର୍କ ବିଭାଗର ଅଧିକାରୀ ଓ କର୍ମଚାରୀ ବୃନ୍ଦ।

# ତେଲଙ୍ଗାନାରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

**ନୂଆପଡ଼ା/କୋମନା, ୨୮।୩(ସମିସ):** ନୂଆପଡ଼ା ଜିଲ୍ଲାରୁ ରାଜ୍ୟ ବାହାରକୁ ଶ୍ରମିକମାନେ ଦାଦନ ଖଟିବାକୁ ଯାଇଥିବାବେଳେ ବିଭିନ୍ନ କାରଣରୁ ଗୋଟିକ ପରେ ଗୋଟିଏ ଶ୍ରମିକଙ୍କ ଇଟାଭାଟିରେ ମୃତ୍ୟୁ ଘଟୁଛି। ଏହି ଖବର ଜିଲ୍ଲାବାସୀଙ୍କୁ ବ୍ୟଥିତ କରୁଛି। ବୁଧବାର କୋମନା ବ୍ଲକର ଜଣେ ଶ୍ରମିକଙ୍କ ମୃତ୍ୟୁ ଖବର ପହଞ୍ଚିଥିବାବେଳେ ଗୁରୁବାର ପୁଣି ଆଉ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୋମନା ଥାନା ଡୋଙ୍ଗରୀପାଲି ଗାଁର ନାରାୟଣ ସିନ୍ଧୁର (୫୦)।



ତେଲେଙ୍ଗାନାର ଏକ ଇଟାଭାଟିରେ ସେ କାମ କରୁଥିବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଥିବା ପରିବାର ଲୋକଙ୍କୁ ଖବର ମିଳିଛି। ପରିବାର ଲୋକ ଶବ ଆଣିବାକୁ ଯାଇଛନ୍ତି। ଗତ ବର୍ଷ ନଭେମ୍ବରରେ ସେ ତେଲେଙ୍ଗାନାର ଏକ ଇଟାଭାଟିରେ କାମ କରିବାକୁ ଯାଇଥିଲେ। ସେଠାରେ ମଦାପୁର ଗାଁରେ ଇଟାଭାଟି ମାଲିକ ରବି ଗୁଡାବତଙ୍କ ନିକଟରେ କାମରେ ନିୟୋଜିତ ହୋଇଥିଲେ। ବୁଧବାର ବିଳମ୍ବିତ ରାତିରେ ନାରାୟଣ ନିଜର ମୋବାଇଲ ଚାର୍ଜ କରୁଥିବା ସମୟରେ ଭାଟିରେ ବିଜୁଳି ସଂସ୍ପର୍ଶରେ ଆସିବାରୁ ମୃତ୍ୟୁ ଘଟିଥିବା କୁହାଯାଉଛି। ଏହି ଖବର ଜାଣିବା ପରେ ପରିବାର ଲୋକ ବିଭିନ୍ନ ସୂତ୍ରରୁ ସୂଚନା ସଂଗ୍ରହ କରିଛନ୍ତି। ତେବେ ଏହା ବିଦ୍ୟୁତ୍ ସଂସ୍ପର୍ଶରେ କି ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ପରିବାର ଲୋକେ ସନ୍ଦେହ କରିଛନ୍ତି। ଏହାକୁ ନେଇ ଘର ଲୋକ ଜିଲ୍ଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ କୋମନା ଥାନାକୁ ଜଣାଇଛନ୍ତି। ଏହା ଉପରେ ସବିଶେଷ ତଦନ୍ତ କରିବା ସହ ଦାବି କରିଛନ୍ତି।

## ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କଳାହାଣ୍ଡି ଜିଲ୍ଲା ଗସ୍ତ

# ସାଧାରଣ ନିର୍ବାଚନ ପ୍ରସ୍ତୁତି ଓ ଶାନ୍ତିଶୃଙ୍ଖଳା ସମ୍ପର୍କିତ ସମୀକ୍ଷା

**ଭବାନୀପାଟଣା, ୨୮।୩ (ସମିସ)**

କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାରେ ଆଗାମୀ ସାଧାରଣ ନିର୍ବାଚନ ନିମନ୍ତେ ପ୍ରଶାସନ ପ୍ରସ୍ତୁତିକୁ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଗୁରୁବାର ଭବାନୀପାଟଣାରେ ସମୀକ୍ଷା କରିଛନ୍ତି। ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ପିପିଟି ମାଧ୍ୟମରେ ପ୍ରଦତ୍ତ ସୂଚନା ଅନୁଯାୟୀ କଳାହାଣ୍ଡି ଜିଲ୍ଲାରେ ୫ ତାରିଖ ସୁଦ୍ଧା ୧୧, ୯୪, ୭୫୭ ଜଣ ଭୋଟର ଥିବା ବେଳେ ପୁରୁଷ ଭୋଟର ୫, ୯୯, ୨୯୩ ଜଣ ଏବଂ ମହିଳା ଭୋଟର ୫, ୯୫, ୩୯୭ ଜଣ, ତୃତୀୟ ଲିଙ୍ଗ ୭୧ ଜଣ ଏବଂ ଦିବ୍ୟାଙ୍ଗ ଭୋଟର ୧୫, ୯୨୭ ଜଣ ଅଛନ୍ତି। ମୁଖ୍ୟ ନିର୍ବାଚନ ଅଧିକାରୀ ଜିଲ୍ଲାରେ ମତଦାନ କେନ୍ଦ୍ର ମାନଙ୍କରେ ପାନୀୟ ଜଳ, ଆସବାବପତ୍ର, ବିଦ୍ୟୁତ ସେବା, ଦିବ୍ୟାଙ୍ଗମାନଙ୍କ ପାଇଁ ରାମ୍ପ, ଶୌଚାଳୟ, ପିଙ୍କ୍ ବୁଥ, ହୋମ ଭୋଟିଂ, ବାଲାଟ ପେପର, ଭୋଟହାର ବୃଦ୍ଧି ଓ ନୂତନ ଭୋଟର ସଚେତନତା, ଇଭିଏମ ଓ ଭିଭିପାଟ ଉପରେ ଜନ ସଚେତନତା ଓ ନିର୍ବାଚନ ସଂଯୁକ୍ତ ଅଧିକାରୀଙ୍କୁ ତାଲିମ ଉପରେ ଗୁରୁତ୍ୱ ଦେଇଥିଲେ। ଭବାନୀପାଟଣାସ୍ଥିତ ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଏବଂ ଧର୍ମଗଡ଼ ସ୍ଥିତ ପଞ୍ଚାୟତ ମହାବିଦ୍ୟାଳୟରେ ଭୋଟ ଗଣତି କେନ୍ଦ୍ର, ବିତରଣ ଓ ଗ୍ରହଣ କେନ୍ଦ୍ରର ପ୍ଲାନିଂ, ପୁଲିସ ପ୍ଲାଟୁନର ଆବଶ୍ୟକତା, ସି ଭିଜିଲ ଆପ୍‌ର ବ୍ୟବହାର, ଆଦର୍ଶ ଆଚରଣ ବିଧି, ଖର୍ଚ୍ଚ ବିବରଣୀ ଟିମ ଓ ଅନ୍ୟାନ୍ୟ ଟିମର କାର୍ଯ୍ୟକାରିତା ଉପରେ ସମୀକ୍ଷା କରିଥିଲେ। ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ ଜିଲ୍ଲାରେ ୫ଟି ନିର୍ବାଚନ ମଣ୍ଡଳୀର ପ୍ରସ୍ତୁତି




ଉପରେ ପିପିଟି ମାଧ୍ୟମରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅବଗତ କରିଥିଲେ। ସେଭଳି ନୂଆପଡ଼ା ଜିଲ୍ଲାପାଳ ହେମନ୍ତ କୁମାର ସା ପିପିଟି ମାଧ୍ୟମରେ ନୂଆପଡ଼ା ଓ ଖରିଆର ନିର୍ବାଚନମଣ୍ଡଳୀର ପ୍ରସ୍ତୁତି ଉପରେ ଅବଗତ କରିଥିଲେ। ଏହାପରେ ଦ୍ୱିତୀୟ ପର୍ଯ୍ୟାୟରେ ଦୁଇ ଜିଲ୍ଲାରେ ଆଇନଶୃଙ୍ଖଳା ସ୍ଥିତିକୁ ନେଇ ସୁରକ୍ଷା ଓ ପୁଲିସ ଅଧିକାରୀଙ୍କୁ ନେଇ ବୈଠକ କରିଥିଲେ। ବର୍ତ୍ତମାନ କଳାହାଣ୍ଡି ଜିଲ୍ଲାରେ ୧୪୦ଟି ସମ୍ବେଦନଶୀଳ ବୁଥ ରହିଛି ଓ ୧୯୪ ଜଣ ପୁଲିସ ସେକ୍ଟର ଅଧିକାରୀ ନିୟୋଜିତ ଅଛନ୍ତି। ଛତିଶଗଡ଼ ଜିଲ୍ଲାର ଧର୍ମଗଡ଼ ସୀମାରେ ସିମଳା, କଦଳୀମୁଣ୍ଡା, ଗୋଲାମୁଣ୍ଡା ସୀମାରେ ଡୁମେରପଦର, କୋକସରା ସୀମାରେ ବେହେରାଗୁଡା, ପାଇକପଡ଼ାରେ ଅବୈଧ କାରବାରକୁ ରୋକିବା ଲାଗି ଚେକପୋଷ୍ଟ କରାଯାଇଛି। ସେଭଳି କନ୍ଧମାଳ, ବଲାଙ୍ଗିର, ରାୟଗଡ଼ା, ନୂଆପଡ଼ା ଓ ନବରଙ୍ଗପୁର ସୀମାରେ ୧୩ଟି ଆନ୍ତଃଜିଲ୍ଲା ଚେକ ପୋଷ୍ଟ କରାଯାଇଛି। ମଦ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ, ଅବୈଧ ଟଙ୍କା କାରବାରକୁ ରୋକିବା ପାଇଁ ବ୍ୟବସ୍ଥା କରାଯାଇଛି। ସିଇଓ ଶ୍ରୀ ଧଳ ଲାଇସେନ୍ସ ବନ୍ଧୁକ ଜମା କରିବା, ସୋସିଆଲ ମିଡିଆ ମନିଟରିଂ, ମାଓ ନିୟନ୍ତ୍ରଣ ଉପରେ ବିଭିନ୍ନ ପ୍ରଶ୍ନ ପୁଲିସ ଅଧିକାରୀଙ୍କୁ ପଚାରିଥିଲେ। ନିର୍ବାଚନକୁ ଅବାଧ, ମୁକ୍ତ ଓ ଶାନ୍ତିପୂର୍ଣ୍ଣ ଭାବରେ କରିବାକୁ ଜିଲ୍ଲାପାଳ, ଏସପି, ରିଟର୍ଣ୍ଣି ଅଧିକାରୀ, ନୋଡାଲ ଅଧିକାରୀ ନିଜ ଦାୟିତ୍ୱକୁ ସଠିକ୍ ଭାବେ ପାଳନ କରିବାକୁ କହିଥିଲେ। ଭୋଟର ମାନେ ଯେଭଳି ସୁବିଧାରେ, ଶାନ୍ତିପୂର୍ଣ୍ଣ ଭାବରେ ମତଦାନ କରିବେ ତା ଉପରେ ସମସ୍ତ ପ୍ରକାର ସୁବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଉତ୍ତରାଞ୍ଚଳ

### କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାର ସମୀକ୍ଷା

ରାଜସ୍ୱ ଆୟୁକ୍ତ ଶ୍ରୀକାନ୍ତ ପୃଷ୍ଟି, ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି ଚରଣ ସିଂ ମୀନା, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ମିହିର ପ୍ରସାଦ ମହାନ୍ତି, ସହକାରୀ ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ଏବଂ ତ୍ରିଲୋଚନ ପାତ୍ର, ଉପ ଜିଲ୍ଲାପାଳ ଧର୍ମଗଡ଼ ଧୀମନ ଚକମା, ଉପଜିଲ୍ଲାପାଳ ଭବାନୀପାଟଣା ବିଶ୍ୱଜିତ ଦାସ, ସିଡିଓ ଜିଲ୍ଲା ପରିଷଦ ଦୟାମୟ ପାଢ଼ୀଙ୍କ ସମେତ କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାର ବିଭିନ୍ନ ନିର୍ବାଚନ ସମ୍ବନ୍ଧୀୟ କମିଟି ଓ ସଂଯୁକ୍ତ ଅଧିକାରୀ ଉପସ୍ଥିତ ଥିଲେ।

## କାଳବୈଶାଖୀ ବର୍ଷାରେ ବ୍ୟାପକ ଫସଲ ନଷ୍ଟ

# ତଥ୍ୟ ଦେଲା ନବ ନିର୍ମାଣ କୃଷକ ସଂଗଠନ

**ସୋନପୁର, ୨୮।୩ (ସମିସ):** ସୋନପୁର ଜିଲ୍ଲାରେ ୪ ଦିନ ତଳେ ହୋଇଥିବା



### କ୍ଷୟକ୍ଷତି ଆକଳନ ପାଇଁ ସଂଗଠନ ପକ୍ଷରୁ ଦାବି

କାଳବୈଶାଖୀ ବର୍ଷାରେ ବ୍ୟାପକ ଫସଲ ନଷ୍ଟ ହୋଇଛି। ବର୍ଷା ଯୋଗୁଁ ଧାନ, ମୁଗ, ରାଶି, ପନିପରିବା ଚାଷୀଙ୍କୁ ବ୍ୟାପକ କ୍ଷତି ହୋଇଛି। ଏହାର ଆକଳନ ପାଇଁ ଶୀଘ୍ର ଏକ ଟିମ୍ ଗଠନ କରି ଚାଷୀଙ୍କ ଉପଯୁକ୍ତ ସହାୟତା ରାଶି ପ୍ରଦାନ ପାଇଁ ନବ ନିର୍ମାଣ କୃଷକ ସଂଗଠନ ଦାବି କରିଛି। ତେବେ କେଉଁ ବ୍ଲକର କେଉଁ ପଞ୍ଚାୟତରେ କେଉଁ ଚାଷ କ୍ଷତି ହୋଇଛି ସେ ନେଇ ଏକ ଚିଠା ନବ ନିର୍ମାଣ କୃଷକ ସଂଗଠନର ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ପ୍ରଦାନ କରିଛନ୍ତି। ଶୀଘ୍ର ଉକ୍ତ ଗାଁ ଗୁଡିକୁ ଜିଲ୍ଲା ପ୍ରଶାସନର ଏକ ଟିମ୍ ପଠାଇ କ୍ଷୟକ୍ଷତି ଆକଳନ ପାଇଁ ସଂଗଠନ ପକ୍ଷରୁ ଦାବି କରାଯାଇଛି। ନବ ନିର୍ମାଣ କୃଷକ ସଂଗଠନର ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ ପାଢ଼ୀଙ୍କ ନେତୃତ୍ୱରେ ଏକ ୩ଜଣିଆ ପ୍ରତିନିଧି ଦଳ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରିଛନ୍ତି।

# ନିରଞ୍ଜନ ପୂଜାରୀଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା

**ସୋନପୁର, ୨୮।୩(ସମିସ):** ସୋନପୁର ବିଧାୟକ ପ୍ରାର୍ଥୀ ଭାବେ ବିଜେଡି ନିରଞ୍ଜନ



ପୂଜାରୀଙ୍କ ନାମ ଘୋଷଣା କରିଛି। ଏହାକୁ ନେଇ ବିଜେଡି କର୍ମୀ ତଥା ନିରଞ୍ଜନଙ୍କ ସମର୍ଥକଙ୍କ ମଧ୍ୟରେ ଉତ୍ସାହ ଦେଖା ଦେଇଛି। ଗୁରୁବାର ନିରଞ୍ଜନ ଭୁବନେଶ୍ୱରରୁ ଆସି ସୋନପୁରରେ ପହଞ୍ଚିବା ପରେ ତେଲ ନଦୀ ବ୍ରିଜ୍ ନିକଟରେ ତାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଶତାଧିକ ଜନସାଧାରଣ ପୁଷ୍ପ ଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ଏକ ବାଇକ୍ ଶୋଭାଯାତ୍ରାରେ ତେଲନଦୀ ବ୍ରିଜ୍ ନିକଟରୁ ନୂଆ ଟାଉଲ ହଲ୍ ଏବଂ ନଳିନୀ ଛକ ଦେଇ ସୁରେଶ୍ୱରୀ ମନ୍ଦିରକୁ ଲୋକେ ପାଛୋଟି ଆଣିଥିଲେ। ସୋନପୁରର ଇଷ୍ଟଦେବୀ ମା ସୁରେଶ୍ୱରୀଙ୍କୁ ଦର୍ଶନ କରି ନିରଞ୍ଜନ ଆଶୀର୍ବାଦ କାମନା କରିଥିଲେ। ନିର୍ବାଚନୀ ରଣନୀତି ନେଇ ଦଳୀୟ ନେତାଙ୍କ ସହ ସେ ଆଲୋଚନା କରିଥିଲେ। ପୂର୍ବତନ ପୌରାଧ୍ୟକ୍ଷ ପ୍ରକାଶ ସାହୁ, ସୋନପୁର ବ୍ଲକ ଅଧ୍ୟକ୍ଷ ପ୍ରହଲ୍ଲାଦ ନାୟକ, ବରିଷ୍ଠ ବିଜେଡି ନେତା ଅଭିମନ୍ୟୁ କୁଶଳ, ବିଜେଡି ଟାଉନ ସଭାପତି ଜନ୍ମେଞ୍ଜୟ ପାତ୍ର, କଇରୁ ସ୍ୱାଇଁ, ସନ୍ତୋଷ ମିଶ୍ର, ଗୋପାଳ ବରାଇ, ଶାଶ୍ୱତ ମିଶ୍ର, ଆନନ୍ଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିବା ପାଇଁ ଦଳୀୟ ନେତା ଏବଂ କର୍ମୀଙ୍କୁ ସେ ପରାମର୍ଶ ଦେଇଥିଲେ। ସନ୍ଧ୍ୟାରେ ରାମପୁର ଅଭିମୁଖେ ଯାତ୍ରା କରିଥିଲେ।

## ସୌରିବେଙ୍ଗେସରେ ପାଣି ସମସ୍ୟା

# ଆବଶ୍ୟକତା ପୂରଣ କରିପାରୁନି ଏକମାତ୍ର ନଳକୂଅ

**ଶଗଡ଼ା, ୨୮।୩ (ସମିସ):** କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ ସୌରିବେଙ୍ଗେସ ଗ୍ରାମର ଲୋକ ପାନୀୟ ଜଳ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମରେ ଥିବା ଏକମାତ୍ର ନଳକୂପ ଲୋକଙ୍କ ଆବଶ୍ୟକତା ମେଣ୍ଟାଇ ପାରୁନାହିଁ। ଖରା ଆରମ୍ଭ ହୋଇଥିବାରୁ ପାଣି ପାଇଁ ଲୋକଙ୍କ ସମସ୍ୟା ଦ୍ୱିଗୁଣିତ ହେଉଛି। ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଅଧୀନରେ ପ୍ରତ୍ୟେକ ଘରକୁ ପାଇପ୍ ସହ ଷ୍ଟାଣ୍ଡ ପୋଷ୍ଟ ବସା ଯାଇଥିଲେ ସୁଦ୍ଧା ଗ୍ରାମକୁ ପାଣି ଯୋଗାଣ ହେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

- ପ୍ରତ୍ୟେକ ଘରକୁ ପାଇପ୍ ସହ ଷ୍ଟାଣ୍ଡ ପୋଷ୍ଟ ବସା ଯାଇଛି
- ମେଗା ପାନୀୟ ଜଳ ପ୍ରକଳ୍ପରୁ ଜଳ ଯୋଗାଣ ହେଉନି

ଗ୍ରାମର କୁଞ୍ଜ ଘର ସମ୍ମୁଖରେ ଥିବା ନଳକୂପରେ ସୋଲାର ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



## ପ୍ରଥମ ଡ୍ୟୁଜ୍ ବଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ସୋନପୁର ଏସ୍‌ଡିସିଏକୁ ହରାଇ ଭଗବତୀ ସ୍ପୋର୍ଟିଂ ଚାମ୍ପିଅନ

**ବିନିକା, ୨୮।୩(ସମିସ):** ସ୍ଥାନୀୟ ବିନିକା ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ସ୍ପୋର୍ଟସ କ୍ଲବର ଆୟୋଜନରେ ଚାଲିଥିବା ପ୍ରଥମ ଡ୍ୟୁଜ୍ ବଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ସୋନପୁର ଏସଡିସିଏକୁ ହରାଇ ଭଗବତୀ ସ୍ପୋର୍ଟ ଚାମ୍ପିଅନ ହୋଇଛି। ଟସ୍ ଜିଣି ପ୍ରଥମେ ଭଗବତୀ ବ୍ୟାଟିଂ କରି ୧୮ଓଭରରେ ୯ୱିକେଟ ହରାଇ ୧୩୩ରନ୍ କରିଥିଲା। ଦଳ ପକ୍ଷରୁ ଶଙ୍କର ସେଠୀ ୩୫ ଓ ବିଶ୍ୱରଞ୍ଜନ ୩୩ ରନ୍ କରିଥିଲେ। ଜବାବରେ ଏସଡିସିଏ ସମସ୍ତ ୱିକେଟ ହରାଇ ୧୦୩ ରନ୍ କରିଥିଲା। ଦଳ ପକ୍ଷରୁ ବରୁଣ ଦାସ ୩୬ ଓ କିଶନ ଲାଲ ସାଗର ୨୯ରନ୍ କରିଥିଲେ। ଏସଡିସିଏ ଦଳ ପକ୍ଷରୁ ଉଦିତ ପ୍ରସାଦ ମେହେର ୪ଓଭରରେ ୫ ୱିକେଟ ନେଇଥିବା ବେଳେ ଭଗବତୀ ତରଫରୁ ପି କେ ସ୍ୱାଇଁ ୩ଓଭରରେ



୫ୱିକେଟ ନେଇଥିଲେ। ରଘୁବିର ପଣ୍ଡା ଓ ସୁରେଶ ବିଶି ଅମ୍ପାୟାର ଥିଲେ। ବୈରାଗୀ ପ୍ରଧାନ, ଶଶାଙ୍କ ଶେଖର ଦାସ ଧାରାବିବରଣୀ ଦେଇଥିଲେ। ସବ୍ୟସାଚୀ ମିଶ୍ର, ସୁଧାଂଶୁ ନାୟକ, ଆଲୋକ ସେଠୀ, ରାଜନ୍ ବେହେରା ସ୍କୋରର ଥିଲେ। ବିନିକା ଏନଏସି ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଭୋଇ, ବିନିକା ଓକିଲ ସଂଘ ସଭାପତି ସୁଧାଂଶୁ ଶେଖର ଦାଶ, ଯୁବ ସଂଗଠକ ଭୀମସେନ ସାହୁ, ବିନିକା ସ୍ପୋର୍ଟସ କ୍ଲବ ସଭାପତି ସୋମନାଥ ମିଶ୍ର, କାର୍ଯ୍ୟକାରୀ କମିଟି ସଦସ୍ୟ ଲବ ମାହାଣା, ସମୀର ଚନ୍ଦ୍ର ମେହେର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମ୍ୟାନ ଅଫ ଦି ମ୍ୟାଚ୍ ଓ ମ୍ୟାନ ଅଫ ଦି ସିରିଜ ଭାବେ ପି କେ ସ୍ୱାଇଁ ଏବଂ ବିଜୟୀ ଭଗବତୀ ଓ ରନର୍ସ ଅଫ ଏସଡିସିଏକୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରାଯାଇଛି।

# ବିପଦରେ ମହାନଦୀର ମାଛ ଯାଆଁଳ

**ଜହ୍ନାପଙ୍କ, ୨୮।୩(ସମିସ)**

ବୌଦ୍ଧ ଜିଲ୍ଲା ଦେଇ ଓଡ଼ିଶାର ଜୀବନରେଖା ମହାନଦୀ ବହି ଯାଇଛି। ମହାନଦୀ ବୌଦ୍ଧ ଜିଲ୍ଲାରେ ପ୍ରାୟ ୧୧୦ କିଲୋମିଟର ପର୍ଯ୍ୟନ୍ତ ବହି ଯାଇଛି। ଦିନ ଥିଲା ଏହି ମହାନଦୀ ମଧ୍ୟରେ ବିଭିନ୍ନ ପ୍ରଜାତିର ମାଛ ଦେଖା ଯାଉଥିଲା। ମତ୍ସ୍ୟଜୀବୀ ମାଛ ଧରି ପରିବାର ପ୍ରତିପୋଷଣ କରୁଥିଲେ। ବର୍ତ୍ତମାନ ଅସାଧୁ ବ୍ୟକ୍ତି ଡଙ୍ଗାରେ ମହାନଦୀ ଭିତରକୁ ଯାଇ ଡିନାମାଇଟ ଓ ଏକ ପ୍ରକାରର କୀଟନାଶକ ଔଷଧ ପକାଇ ମାଛ ଧରୁଥିବା ହେତୁ ମତ୍ସ୍ୟ ସମ୍ପଦ ପ୍ରଭାବିତ ହେଉଛି। ଜିଲ୍ଲାରେ ମାଛର ଚାହିଦାକୁ ଦେଖି ଜିଲ୍ଲା ମତ୍ସ୍ୟ ବିଭାଗ ତରଫରୁ ଜିଲ୍ଲାର ୨ଟି ମହାନଦୀ ଘାଟରେ ୧୦ କ୍ୱିଣ୍ଟାଲ ମାଛ ଜାଆଁଳା ଛଡା ଯାଇଛି; ହେଲେ ଏହି ମାଛ ଜାଆଁଳ କେତେ ସୁରକ୍ଷିତ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଜିଲ୍ଲାରେ ମତ୍ସ୍ୟ ବିଭାଗ ତରଫରୁ ଗତ ଫେବୃଆରୀ ୨୨ ତାରିଖରେ ବୌଦ୍ଧ ବ୍ଲକ ଅଧୀନ ଖୁଣ୍ଟବନ୍ଧ ପଞ୍ଚାୟତର ଚଣ୍ଡିଗଡ଼ ମହାନଦୀ ଘାଟରେ ପ୍ରାୟ ୬ ଲକ୍ଷ ଓ ବାଉଁଶୁଣୀ ମହାନଦୀ ଘାଟର ଗଭୀର ଜଳରେ ଦେଢ ଲକ୍ଷ ଏହିଭଳି ମୋଟ ୭ ଲକ୍ଷ ୫୦ ହଜାର ମାଛ ଜାଆଁଳ ଛଡାଯାଇଛି। ଏଥିରେ ରୋହି,

- ଜିଲ୍ଲା ମତ୍ସ୍ୟ ବିଭାଗ ୧୦ କ୍ୱିଣ୍ଟାଲ ମାଛ ଯାଆଁଳ ଛାଡ଼ିଛି
- ରୋହି, ଭାକୁର, ମିରିକାଳି ଆଦି ପ୍ରଜାତିର ୭ ଲକ୍ଷ ୫୦ ହଜାର ଯାଆଁଳ ଛଡାଯାଇଛି
- ଡିନାମାଇଟ୍, କୀଟନାଶକ ପକାଇ ମାଛ ମରାଯାଉଛି
- ବେଉସା ବୁଡ଼ିଯିବା ଚିନ୍ତାରେ ମତ୍ସ୍ୟଜୀବୀ

ଭାକୁର, ମିରିକାଳି ଆଦି ପ୍ରଜାତିର ମାଛ ସାମିଲ ହୋଇଛି। ଗୋଟିଏ ମାଛରୁ ପ୍ରାୟ ୧ ଲକ୍ଷ ଜାଆଁଳ ଉତ୍ପାଦନ ହୋଇଥାନ୍ତି। ଏହି ମାଛ ବଂଶର ସୁରକ୍ଷା ପାଇଁ ଜିଲ୍ଲା ମତ୍ସ୍ୟ ବିଭାଗ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା। ଗୋଟିଏ ପଟେ ମତ୍ସ୍ୟ ବିଭାଗ ମତ୍ସ୍ୟ ସମ୍ପଦର ସୁରକ୍ଷା ପାଇଁ ଉଦ୍ୟମ ଜାରି ରଖିଥିବା ବେଳେ ଅନ୍ୟପଟେ ମହାନଦୀରେ ବେଆଇନ ଭାବରେ ଡିନାମାଇଟ ଓ କୀଟନାଶକ ଔଷଧ ପକାଇ ମତ୍ସ୍ୟ ସମ୍ପଦ ନଷ୍ଟ କରାଯାଉଛି। ଏହାଦ୍ୱାରା ଜିଲ୍ଲାରେ ବସବାସ କରୁଥିବା ପ୍ରାୟ ୧୫ ହଜାରରୁ ଅଧିକ ମତ୍ସ୍ୟଜୀବୀ ପ୍ରଭାବିତ ହେଉଛନ୍ତି। ନଦୀରେ ମାଛ ବଂଶ ଲୋପ ପାଇଯାଉଥିବାରୁ ମତ୍ସ୍ୟଜୀବୀ ଏବେ ଜୀବିକା ହରାଇ ଆର୍ଥିକ ଅନାଟନ ମଧ୍ୟରେ ଗତି କରୁଛନ୍ତି। ବର୍ତ୍ତମାନ ଜିଲ୍ଲାରେ ମତ୍ସ୍ୟ ସମ୍ପଦ ଲୋପ ପାଇ ଆସୁଥିବାରୁ ଲୋକଙ୍କ ଚାହିଦା ମେଣ୍ଟାଇବା ସମ୍ଭବ ହୋଇପାରୁନାହିଁ। ଏହାଫଳରେ ବଜାରରେ ଆନ୍ଧ୍ର ମାଛ ଚାହିଦା ବଢ଼ୁଛି। ନଦୀ ମାଛ ନ ମିଳିବାରୁ ଖାଉଟି ବାଧ୍ୟ ହୋଇ ଆନ୍ଧ୍ର ମାଛ ଉପରେ ନିର୍ଭର କରୁଛନ୍ତି। ନଭେମ୍ବର ଓ ଡିସେମ୍ବର ମାସରୁ ଆରମ୍ଭ ହୋଇ ବର୍ଷା ଋତୁ ପର୍ଯ୍ୟନ୍ତ ମହାନଦୀରେ ଡିନାମାଇଟ ଓ କୀଟନାଶକ ଔଷଧ ପକାଇ ମାଛ ଓ ଚିଙ୍ଗୁଡି ଧରା ଯାଉଛି। ଡିନାମାଇଟ ପକାଇବା ଫଳରେ ବଡ ମାଛ ସହିତ ଛୋଟଛୋଟ ମାଛ ମରିଯାଉଛନ୍ତି। ଏହା ଦ୍ୱାରା ମତ୍ସ୍ୟ ସମ୍ପଦ ଦିନକୁ ଦିନ ଲୋପ ପାଇଯାଉଛି। ଲୋକଙ୍କ ଚାହିଦା ଦୃଷ୍ଟିରୁ ମତ୍ସ୍ୟ ସମ୍ପଦର ସୁରକ୍ଷା ନିହାତି ଆବଶ୍ୟକ ହୋଇପଡୁଛି। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବେଆଇନ ଭାବରେ ବ୍ଲାଷ୍ଟିଂ ଓ କୀଟନାଶକ ଔଷଧ ପକାଉ ଥିବା ଲୋକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ।

# ଷୋହଳପ୍ରହର ନାମଯଜ୍ଞ ପାଇଁ କଳସଯାତ୍ରା

**ଜୟପାଟଣା, ୨୮।୩(ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ରଣମାଳ ପୁଖାରିପଡ଼ାରେ ଆସନ୍ତା ଶୁକ୍ରବାର ଓ ଶନିବାର ଦୁଇ ଦିନ ଧରି ୧୬ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଗୁରୁବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବହୁ ବର୍ଷରୁ ଏହି ପଡ଼ାରେ ଅଷ୍ଟପ୍ରହର ନାମଯଜ୍ଞ ହେଉଥିବା ବେଳେ ଏଥର ଷୋହଳ ପ୍ରହର ନାମଯଜ୍ଞ ହେବ। ରଣମାଳ ଗ୍ରାମର ପୁଖାରିପଡ଼ା, ଡୋକରିପଡ଼ା, ବିଶ୍ୱକର୍ମା ପଡ଼ା ଓ ବନ୍ଧପଡ଼ାବାସୀଙ୍କ ମିଳିତ ସହଯୋଗରେ ଏହି ନାମଯଜ୍ଞ ହେଉଛି। ପୂଜାର କର୍ତ୍ତା ଭାବରେ ହେମନ୍ତ ସାହୁ ଓ ଧର୍ମପତ୍ନୀ କୌଶଲ୍ୟା ସାହୁ ରହିଛନ୍ତି। ଏହି ନାମଯଜ୍ଞରେ ୯ ଗୋଟି ସଂକୀର୍ତ୍ତନ ମଣ୍ଡଳୀ ସାମିଲ ରହିଛନ୍ତି। ଦୁଇ ଦିନ ଧରି ସମସ୍ତଙ୍କ ପାଇଁ ଆନନ୍ଦବଜାର ଖୋଲାଯାଇଛି। ଏହି ନାମଯଜ୍ଞକୁ ସମସ୍ତ ପଡ଼ାର ଅନେକ ଭକ୍ତ, ଶ୍ରଦ୍ଧାଳୁ ଓ କର୍ମକର୍ତ୍ତା ସାହାଯ୍ୟ ସହଯୋଗ କରୁଛନ୍ତି।



# ରାଜପଥ ନେଉଛି ନିରୀହ ଜୀବନ
# ଦୁଇ ବର୍ଷରେ ବଢ଼ିଛି ଦୁର୍ଘଟଣା ସଂଖ୍ୟା

ବଲାଙ୍ଗିର, ୨୮।୩(ସମିସ)

ବଲାଙ୍ଗିର ଜିଲ୍ଲାରେ ଗତ କିଛି ବର୍ଷ ଭିତରେ ସଡକ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଇଛି। ଏହିସବୁ ଦୁର୍ଘଟଣା ପଛରେ ଡ୍ରାଇଭର ମାନଙ୍କ ବେପରୁଆ ଗାଡିଚାଳନା, ନିଶାସକ୍ତ ଅବସ୍ଥାରେ ଗାଡି ଚାଳନା

## ବସ୍ ଓ ଟ୍ରକ୍ ଚାଳକଙ୍କ ବେପରୁଆ ମନୋଭାବ

## ଭାରୀ ଯାନ ଚାଳନା ଶୈଳୀରେ କେବେ ଲାଗିବ ବ୍ରେକ୍

ମୁଖ୍ୟ କାରଣ ହୋଇରହିଛି। ତେବେ ଗତ ଦୁଇ ବର୍ଷ ଭିତରେ ଘରୋଇ, ସରକାରୀ ବସ ଓ ଟ୍ରକ ଦୁର୍ଘଟଣା ଯୋଗୁଁ ଜାତୀୟ ରାଜପଥରେ ମୁଣ୍ଡ ଗଡ଼ି ଚାଲିଛି। ଏହି ଘଟଣାରେ ମଧ୍ୟ ଡ୍ରାଇଭର ମାନଙ୍କ ବେପାରୁଆ ଗାଡିଚାଳନା ହିଁ ମୁଖ୍ୟତଃ ଦାୟୀ ବୋଲି ଅଭିଯୋଗ ହୋଇଛି। ତେବେ ଏହି ଡ୍ରାଇଭରଙ୍କ ଏହିଭଳି ବେପରୁଆ ଗାଡି ଚାଳନା ଉପରେ କେବେ ବ୍ରେକ ଲାଗିବ ତାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷରେ, ଗତ ବୁଧବାର ବଲାଙ୍ଗିର-ସୋନପୁର ୫୭ ନଂ ଜାତୀୟ ରାଜପଥରେ



ଦୁର୍ଘଟଣାକୁ ଦୃଷ୍ଟାନ୍ତକୁ ନିଆଯାଇପାରେ। ଏଥିରେ ଦୁଇ ଜଣ ନିରୀହ ଯୁବକଙ୍କ ଅକାଳରେ ପ୍ରାଣ ଚାଲି ଯାଇଛି। ସୋନପୁର ପଟୁ ବଲାଙ୍ଗିର ଦେଇ ଲାଞ୍ଜିଗଡ଼ ଯିବା ପାଇଁ ବାହାରିଥିବା ବେଳେ ଭଦ୍ରାପାଲି ନିକଟରେ ଉଭୟ ଯୁବକଙ୍କ ବାଇକକୁ ବଲାଙ୍ଗିର ପଟୁ ଫୁଲବାଣୀ ଯାଉଥିବା ଏକ ସରକାରୀ ବସ ଧକ୍କା ଦେଇଥିଲା। ଉଭୟ ଯୁବକ ହେଲମେଟ ପିନ୍ଧିଥିବା ସତ୍ୱେ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ତେବେ ଭୋର ସମୟ ହୋଇଥିବାରୁ ସରକାରୀ ବସଟି ଦ୍ରୁତଗତିରେ ଯାଉଥିଲା। ଦୁର୍ଘଟଣା ଘଟାଇବା ପରେ ବସକୁ ଘଟଣାସ୍ଥଳରେ ନରଖି ଡ୍ରାଇଭର ଜଣକ ତରଭାକୁ ଯାଇ ଆତ୍ମସମର୍ପଣ କରିଥିଲେ; ଅର୍ଥାତ ସେ ଦୁର୍ଘଟଣା ଘଟାଇଥିବା ନିଜେ ଜାଣିବା ପରେ ମଧ୍ୟ ଦୁର୍ଘଟଣାଗ୍ରସ୍ତ ଦୁଇ ଯୁବକଙ୍କୁ ଡାକ୍ତରଖାନାକୁ ନେବା ପରିବର୍ତ୍ତେ ଥାନା ପର୍ଯ୍ୟନ୍ତ ଫେରାର ମାରିଲେ, ଯାହାକି ଡ୍ରାଇଭରର ବେପାରୁଆ ମନୋଭାବକୁ ସୂଚାଉଛି।

ଗତ ବର୍ଷ ମେ ୯ ତାରିଖରେ ଏହି ଜାତୀୟ ରାଜପଥ ଗଇଁନ୍ତଲାଠାରେ ଏକ ଘରୋଇ ବସ ତିନି ଜଣଙ୍କୁ ଧକ୍କା ଦେଇଥିଲା। ଏକ ବାଇକରେ ବାପା ସହ ଯାଉଥିବା ଦୁଇ ଝିଅକୁ ବସ ଧକ୍କା ଦେଇଥିଲା। ଗୋଟିଏ ଝିଅକୁ ଧକ୍କା ଦେବା ପରେ ଅଧା କିଲୋମିଟର ପର୍ଯ୍ୟନ୍ତ ବସ ଘୋଷାଡି ନେଇଥିଲା। ଘଟଣାସ୍ଥଳରେ ହିଁ ଜଣଙ୍କର ମୃତ୍ୟୁ ହୋଇଥିଲା। କିଛି ଦିନ ପୂର୍ବରୁ ବଲାଙ୍ଗିର-ବରଗଡ଼ ୨୬ ନଂ ଜାତୀୟ ରାଜପଥ ଝାରବନ୍ଧଲିଠାରେ ଜଣେ ଲୋକଙ୍କୁ ଲକ୍ଷ୍ମୀ ବସ ଧକ୍କା ଦେଇ ଫେରାର ମାରିଥିଲା। ଦୁର୍ଘଟଣାଗ୍ରସ୍ତ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଗତ ୨୦୨୧ ମାର୍ଚ୍ଚ ୨୭ ତାରିଖରେ ୫୭ ନଂ ଜାତୀୟ ରାଜପଥରେ ଘରୋଇ ବସ ଡ୍ରାଇଭରଙ୍କ ବେପରୁଆ ଗାଡିଚାଳନା ଯୋଗୁଁ ରାସ୍ତାକୁ ବସ ଓଲଟି ପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦ ଆହତ ହୋଇଥିଲେ। ସେହିପରି ବଲାଙ୍ଗିର ଦେଇ ଯାଇଥିବା ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରେ ଟ୍ରକ ଧକ୍କାରେ ମଧ୍ୟ ଅନେକଙ୍କ ଜୀବନହାନି ହୋଇସାରିଲାଣି। ନିୟମିତ ବ୍ୟବଧାନରେ ଦୁର୍ଘଟଣାରେ ମୁଣ୍ଡ ଗଡୁଥିବା ଯୋଗୁ ଲୋକଙ୍କ ଚିନ୍ତା ବଢ଼ିଛି। ଏହିଭଳି ଭାବେ ବିଭିନ୍ନ ସମୟରେ ଘରୋଇ, ସରକାରୀ ବସ ଓ ଟ୍ରକ ଡ୍ରାଇଭର ମାନଙ୍କ ବେପରୁଆ ଗାଡି ଚାଳନା ଯୋଗୁ ଦୁର୍ଘଟଣା ଘଟୁଥିବା ବେଳେ ଲୋକଙ୍କ ଜୀବନ ଯାଉଛି। ଦୁର୍ଘଟଣା ଘଟାଇବା ପରେ ସମ୍ପୃକ୍ତ ବସ ଓ ଟ୍ରକକୁ ପୁଲିସ ଜବତ କରି ଡ୍ରାଇଭର ମାନଙ୍କୁ ଗିରଫ କରୁଛି ସତ କିନ୍ତୁ ସେମାନଙ୍କ ବିରୋଧରେ କଡା ଦଫା ନଲଗାଇ ମାମଲା ରୁଜୁ କରୁଥିବାରୁ ସେମାନେ ଶୀଘ୍ର ଜାମିନ ପାଇ ପୁଣି ଗାଡି ଚଳାଉଛନ୍ତି। ଏମିତିରେ ଦୁର୍ଘଟଣା ଘଟାଇଲେ ମଧ୍ୟ ଡ୍ରାଇଭରଙ୍କ ଯାଏ କେତେ ଆସେ କେତେ ମନୋଭାବ ସୃଷ୍ଟି ହେବା ସ୍ୱାଭାବିକ। ଏହି ବେପରୁଆ ଗାଡି ଚାଳନା ଉପରେ କେବେ ବ୍ରେକ ଲାଗିବ ତାକୁ ନେଇ ପ୍ରଶ୍ନ ଉଠିଛି। ଏଥିପ୍ରତି ଜିଲ୍ଲା ପୁଲିସ ଧ୍ୟାନ ଦେଇ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହେଉଛି।

# ଗୋଳାବାରୁଦ କାରଖାନା ଇଷ୍ଟେଟ୍‌ରୁ ଚୋରି

ସଇଁତଲା, ୨୮।୩(ସମିସ): ବଲାଙ୍ଗିର ଜିଲ୍ଲା ସଇଁତଲା ଥାନା ଅନ୍ତର୍ଗତ ବଡ଼ମାଳ ଗୋଳାବାରୁଦ କାରଖାନାସ୍ଥିତ ଇଷ୍ଟେଟ ଅଞ୍ଚଳରୁ ଚୋରି ହୋଇଥିବା ଅଭିଯୋଗ ବଡ଼ମାଳ ଫାଣ୍ଡିରେ ହୋଇଛି। ଫାଣ୍ଡି ଅଧିକାରୀ ଜୀବର୍ଦ୍ଧନ ମେହେରଙ୍କ ସୂଚନାନୁସାରେ, ବୁଧବାର ବିଳମ୍ବିତ ରାତ୍ରରେ ନିଉ ଟାଇପ-୧, ୪ର୍ଥ ଫେଜରେ ରହୁଥିବା କର୍ମଚାରୀ ଭରତ ପାତ୍ରଙ୍କ ଘରୁ ଚୋରମାନେ ପାଖାପାଖି ୨ ଭରି ସୁନା ଅଳଙ୍କାର, ୨୦ ହଜାର ଟଙ୍କା ଚୋରି କରିନେବା ସହ ବିଭିନ୍ନ ଦରକାରୀ କାଗଜପତ୍ର ପୋଡ଼ି ଦେଇଥିବା ଅଭିଯୋଗ କରିଛନ୍ତି।



ପରେ ବଡ଼ମାଳ ଫାଣ୍ଡି ଅଧିକାରୀ ଶ୍ରୀ ମେହେର, ସଇଁତଲା ଥାନାଧିକାରୀ ସୁଶାନ୍ତ ପ୍ରଧାନ ଘଟଣାସ୍ଥଳରେ ତଦନ୍ତ ଚଳାଇଥିବାବେଳେ ଅଦ୍ୟାବଧି ଚୋରର ସନ୍ଧାନ ପାଇ ନଥିବା ଜଣାପଡ଼ିଛି। କାରଖାନା ତରଫରୁ ସିକ୍ୟୁରିଟି ନିୟୋଜିତ କରାଯାଇଥିଲେ ମଧ୍ୟ ବାରମ୍ବାର ଚୋରି ହେଉଛି। ଯାହାଦ୍ୱାରା ଅଞ୍ଚଳରେ ବସବାସ କରୁଥିବା କର୍ମଚାରୀମାନେ ଭୟଭୀତ ଅବସ୍ଥାରେ ଅଛନ୍ତି। କାରଖାନା କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଇ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବାକୁ କର୍ମଚାରୀ ମହଲରେ ଦାବି ହେଉଛି।

# ଅନ୍ୱେଷଣ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ପାଳିତ

ବଲାଙ୍ଗିର, ୨୮।୩(ସମିସ): ନାଟକ ଆମର ଜୀବନଧାରା ପାଇଁ ଜରୁରୀ ଏବଂ ଘନିଷ୍ଠ ସହଚର ହୋଇରହିଛି। ଆଗକୁ ମଧ୍ୟ ଏହା ମଣିଷକୁ ଜୀବନବାଦୀ କରିବ ବୋଲି ବିଶ୍ୱ ନାଟ୍ୟ ଦିବସ ପାଳନ ଅବସରରେ ମତ ଦେଇଛନ୍ତି ନାଟକ ସହ ଜଡିତ ବହୁ ବ୍ୟକ୍ତିବିଶେଷ। ବଲାଙ୍ଗିରର ଅଗ୍ରଣୀ ନାଟ୍ୟାନୁଷ୍ଠାନ ଅନ୍ୱେଷଣ ତରଫରୁ ବଲାଙ୍ଗିର ପାଟଣେଶ୍ୱରୀ ମନ୍ଦିର ନିକଟରେ ମୁକ୍ତ ମଞ୍ଚରେ ବିଶ୍ୱ ନାଟ୍ୟ ଦିବସ-୨୦୨୪ ପାଳନ ଅବସରରେ ଏପରି ମତ ପ୍ରକାଶ ପାଇଛି। ସନ୍ଦୀପ କୁଅଁରଙ୍କ ମଞ୍ଚ ସଂଯୋଜନା ଓ ପରିଚିଳନାକ୍ରମେ ବରିଷ୍ଠ ସଂଗଠକ ଓ କଳାକାର ପ୍ରଭାକର ମିଶ୍ର, ନାଟ୍ୟ ନିର୍ଦ୍ଦେଶକ ଅଶୋକ ମିଶ୍ର, ଯୁବ କଳାକାର ବିଭୂକଲ୍ୟାଣ ଗଡତିଆ ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୱେଷଣର ସଂପାଦକ ପ୍ରକାଶ ଥନାପତି ବିଶ୍ୱ ନାଟ୍ୟ ଦିବସ ଅବସରରେ ଆନ୍ତର୍ଜାତୀୟ ନାଟ୍ୟ ଅନୁଷ୍ଠାନ ଦ୍ୱାରା ପ୍ରସାରିତ ବିଶିଷ୍ଟ କବି, ନାଟ୍ୟକାର, ଔପନ୍ୟାସିକ, ପ୍ରାବନ୍ଧିକ ଓ ଅନୁବାଦକ ୟନ୍ ଫସେଙ୍କ "କଳା ହେଉଛି ଶାନ୍ତି" ଶୀର୍ଷକ ବାର୍ତ୍ତାର ଓଡିଆ ଅନୁବାଦକୁ ପାଠ କରିଥିଲେ। ଦିଲୀପ ଦୀପ, ନାଟ୍ୟ ନିର୍ଦ୍ଦେଶକ ହିମାଂଶୁ ଶେଖର ଖମାରୀ, ଅନୁପ୍ରିୟା ମିଶ୍ର, କଣ୍ଠଶିଳ୍ପୀ ନବୀନ କିଶୋର କୁଅଁର, ଲୋକସଂସ୍କୃତି ଗବେଷକ ନିଳାଞ୍ଚଳ ନନ୍ଦ, ଭରତ ନାଗ, ମଞ୍ଚ ଚଳଚ୍ଚିତ୍ର ଅଭିନେତା ବ୍ରହ୍ମାନନ୍ଦ ବନଛୋର, ଅନ୍ୱେଷଣର ସଭାପତି ହୃଷୀକେଶ ପୁରୋହିତ ସମେତ ବଲାଙ୍ଗିରର ବହୁ ନାଟ୍ୟପ୍ରେମୀ ମଞ୍ଚ ନାଟକ ସମ୍ପର୍କରେ ମତାମତ ଦେଇଥିଲେ। ଅନ୍ୱେଷଣ ତରଫରୁ ଅଶୋକ ଦୀପ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ବିଶ୍ୱ ନାଟ୍ୟଦିବସ ସଚେତନତା ପାଇଁ ଏକ ସାଂସ୍କୃତିକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

# ଅନାଦି ସାହୁଙ୍କ ପରଲୋକ

ବଙ୍ଗୋମୁଣ୍ଡା, ୨୮।୩(ସମିସ): ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ଡେଡ଼ଗାଁ ପଞ୍ଚାୟତ ସଦର ମହାକୁମା ବାସିନ୍ଦା ଅନାଦି ସାହୁ (୭୧)



ଙ୍କ ନିଜସ୍ୱ ବାସଭବନରେ ପରଲୋକ ଘଟିଛି। ଫଳରେ ଗାଁରେ ଶୋକର ଛାୟା ଖେଳିଯାଇଛି। ପୁଅ ସୁଶୀଳ ଏବଂ ଅନୁ ସାହୁ ଗାଁ ଶ୍ମଶାନରେ ମୁଖାଗ୍ନି ଦେଇଥିଲେ। ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ତାଙ୍କ ଜୀବନ କାଳ ଭିତରେ ଡେଡ଼ଗାଁ ଜିପି ସରପଞ୍ଚ ଥିଲେ। ପୁଣି ସମବାୟ ସମିତିର ସଭାପତି, ତୈଳିକ ସମାଜର ବ୍ଲକ ସଭାପତି, ପଶ୍ଚିମ ଓଡିଶାର ସକ୍ରିୟ ସଦସ୍ୟ, ଗାଁ ସ୍କୁଲର ସଭାପତି ରହିଥିବା ସହ ବ୍ଲକ୍ ବିଜେପିର ସଭାପତି ଦାୟିତ୍ୱ ତୁଲାଇଥିଲେ।

# ରେଳ ରହଣି ଦାବି; ଚନ୍ଦ୍ରପୁର ଆମ୍ରକାନନରେ ଆଲୋଚନା

ଦେଓଗାଁ, ୨୮।୩(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ରେଳଷ୍ଟେସନରେ ଏକ୍ସପ୍ରେସ ଟ୍ରେନ ରହଣି ପାଇଁ ଆନ୍ଦୋଳନ ଜୋର ଧରିବାରେ ଲାଗିଛି। ଦେଓଗାଁ ୟୁଥ ଏକ୍ସନ କମିଟି ଆହ୍ୱାନକ୍ରମେ

## ନୋ ଟ୍ରେନ୍, ନୋ ଭୋଟ୍ ନିଷ୍ପତ୍ତି
## ୩୧ରେ ଚୂଡ଼ାନ୍ତ ବୈଠକ

ଗୁରୁବାର ଚନ୍ଦ୍ରପୁର ଆମ୍ରକାନନଠାରେ ସର୍ବଦଳୀୟ ବୈଠକ ଡକାଯାଇଥିଲା। କମିଟିର ଆବାହକ ପ୍ରଭାତ ମହାନନ୍ଦଙ୍କ ଆବାହକତ୍ୱ ତଥା କମିଟି ସଭାପତି ସେବକ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କମିଟି କର୍ମକର୍ତ୍ତା ତଥା ବରିଷ୍ଠ ପରାମର୍ଶଦାତା ଗୋପାଳ ଅଗ୍ରୱାଲ, ବିଜୁ ଯୁବ ଜନତା ଦଳ ସଭାପତି ଶୈଳେନ୍ଦ୍ର ସାହୁ, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଅମିତ ସିଂନିନା, ଜିଲ୍ଲା କଂଗ୍ରେସ କମିଟି ସମ୍ପାଦକ ବିଶ୍ୱଜିତ ପାତ୍ର, ବ୍ଲକ ସରପଞ୍ଚ ସଂଘ ସଭାପତି ଗୋପାଳଚନ୍ଦ୍ର ମିଶ୍ର, ବ୍ଲକ କଂଗ୍ରେସ କିଷାନ ସେଲ ସଭାପତି ପ୍ରଦ୍ୟୁମ୍ନ ସାହୁ, ଆଦିବାସୀ ନେତା ମୟ ପ୍ରଧାନୀ, ଏସସି ସେଲ ସଭାପତି ମନବୋଧ ହରପାଲ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କୈଳାସ ତାଣ୍ଡି, ଦେଓଗାଁ ବଣିକ ସଂଘ ସଭାପତି ବାବୁଲାଲ



ଅଗ୍ରୱାଲ, ସ୍ଥାନୀୟ ସରପଞ୍ଚ ନୀନା ଛତ୍ରିଆ, ସମିତିସଭ୍ୟା ମୀନା କୁମାରୀ ସା ତଥା ବିଜେଡି ଛାତ୍ର ସଭାପତି ଦୀପକ ବେହେରା, ଡା. ଶଶିଭୂଷଣ ସାହୁ, କର୍ତ୍ତାର ସିଂ, ଜନ୍ମେଜୟ ସାହୁ, ଟିଙ୍କୁ ଅଗ୍ରୱାଲ, ସଞ୍ଜୟ ହୋତା ପ୍ରମୁଖ ମତ ରଖିଥିଲେ। ଗତ ୨୦୦୨ରୁ ଏହି ପ୍ରମୁଖ ଦାବି ଉପରେ କୌଣସୀ ପଦକ୍ଷେପ ଗ୍ରହଣ ନକରିବା ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ବର୍ତ୍ତମାନ ନୋ ଟ୍ରେନ୍ ନୋ ଭୋଟ ଉପରେ ସମସ୍ତେ ମତବ୍ୟକ୍ତ କରିବାସହ ଆଗକୁ ନିର୍ବାଚନ ସମୟରେ କୌଣସି ଦଳକୁ ସମର୍ଥନ ନକରିବାପାଇଁ ବୈଠକରେ ମତ ପ୍ରକାଶ ପାଇ ଭୋଟ ବର୍ଜନ କରିବାପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଚଳିତ ମାସ ୩୧ ତାରିଖରେ ଦେଓଗାଁ ଦୁର୍ଗାମଣ୍ଡପ ପରିସରରେ ଏକ ସାମୂହିକ ବୈଠକ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଆଗକୁ ପ୍ରତି ପଞ୍ଚାୟତର ଜନପ୍ରତିନିଧିଙ୍କୁ ନେଇ ବୈଠକ ତଥା ପ୍ରତ୍ୟେକ ଗାଁରେ ବୈଠକ କରାଯାଇ ଏହି ଆନ୍ଦୋଳନକୁ ସମର୍ଥନ ଦେବାପାଇଁ ଅନୁରୋଧ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସମ୍ପାଦକ ସନ୍ୟାସୀ ବେହେରା ଧନ୍ୟବାଦ ଦେଇଥିଲେ।

# ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟକ୍ରମ




ଦେଓଗାଁ, ୨୮।୩(ସମିସ): ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହା ଯୁକ୍ତଦୁଇ କଲେଜରେ ଗୁରୁବାର ଇକୋ କ୍ଲବ ପକ୍ଷରୁ ପରିବେଶ ଶିକ୍ଷା ଅନ୍ତର୍ଗତ ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାଧ୍ୟାପକ ଧୋବାଇ ଚରଣ ପଟେଲଙ୍କ ଅଧ୍ୟକ୍ଷତା ତଥା ପ୍ରାଧ୍ୟାପକ ରଞ୍ଜନ ପାଣିଗ୍ରାହୀଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶାଶ୍ୱତ ଡିଗ୍ରୀ କଲେଜର ଅଧ୍ୟକ୍ଷ ପୁରୁଷୋତ୍ତମ ମେହେର କେମିତି ବର୍ଜ୍ୟବସ୍ତୁର ସୁପରିଚାଳନା ଦିଗରେ ସଚେତନ ହୋଇ ଅନ୍ୟମାନଙ୍କୁ ସଚେତନ କରିପାରିବେ ସେ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପିକା ଶୁଭଶ୍ରୀ ସାହୁ ବର୍ଜ୍ୟବସ୍ତୁର ପୁନଃବ୍ୟବହାର ତଥା ପ୍ରାକୃତିକ ସମ୍ପଦର ସୁବିନିଯୋଗ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଗ୍ରାନ୍ଥାଗାରିକ ପ୍ରଦୀପ ମହାନ୍ତି, ଖେଳ ଶିକ୍ଷକ ପ୍ରଶାନ୍ତ ଥନାପତି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଅବନୀ ସିଂ ନିନା, ଶୁଭେନ୍ଦୁ ନାଥ, ଜୟହିନ୍ଦ ଛତ୍ରିଆ, କାମାକ୍ଷା ଥନାପତି, ଶିବ ମେହେର, ତ୍ରିଶୂଳ ସୁନା, ବସୁଦେବ ମେହେର ପ୍ରମୁଖ ସହଯୋଗ କରିଥିଲେ।

# 'ସେଞ୍ଚୁରିଅନ ମାର୍କେଟ୍'ର ପ୍ରଦର୍ଶନୀ ଉଦ୍‌ଯାପିତ

ବଲାଙ୍ଗିର, ୨୮।୩(ସମିସ): ସାମ୍ପ୍ରତିକ ପରିସ୍ଥିତିରେ ବିଶ୍ୱରେ ବଜାର ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଜାଗତୀକରଣ ଓ ଉଦାରୀକରଣ ଯୋଗୁଁ ବିଶ୍ୱର ସମସ୍ତ ଦେଶରେ ବଜାରର ଚାହିଦା ବଢିବାରେ ଲାଗିଛି। ଏପରି ସ୍ଥିତିରେ ବଜାର ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିବା ଓ ଛାତ୍ରଛାତ୍ରୀଙ୍କୁ ଜୀବନଶୈଳୀ ସମ୍ବନ୍ଧରେ ଅବଗତ କରାଇବା ପାଇଁ ସେଞ୍ଚୁରିଅନ ବିଦ୍ୟାଳୟର କର୍ତ୍ତୃପକ୍ଷ ଆଜି ବିଦ୍ୟାଳୟରେ ପ୍ରତୀକାତ୍ମକ 'ସେଞ୍ଚୁରିଅନ ମାର୍କେଟ୍'ର ପରିକଳ୍ପନା କରିଥିଲେ। ଯାହା ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀର ଛାତ୍ର, ଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ଉତ୍ସବଟିକୁ ଅନୁଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ଡ. ପ୍ରଦୀପ ଷଡ଼ଙ୍ଗୀ ଉଦଘାଟନ କରିଥିଲେ। ତାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ଛାତ୍ରଛାତ୍ରୀମାନେ ପନିପରିବା, କଣ୍ଢେଇ, ଫଳ, ତେଜରାତି ସାମଗ୍ରୀ, କସମେଟିକ ଓ ଷ୍ଟେସନାରୀ ସାମଗ୍ରୀ ପ୍ରଦର୍ଶିତ କରିବା ସହ ବିକ୍ରୟ ମଧ୍ୟ କରିଥିଲେ। ଏହା ଛାତ୍ରଛାତ୍ରୀଙ୍କ କ୍ରୟ, ବିକ୍ରୟ କରିବାର କ୍ଷମତାକୁ ବଢ଼ାଇବାରେ ସହାୟକ ହେବ। ଅନୁଷ୍ଠାନର ଅଧ୍ୟକ୍ଷ ତମାଳ ଚକ୍ରବର୍ତ୍ତୀ, ଉପାଧ୍ୟକ୍ଷା ଡ଼. ପୁଣ୍ୟତୋୟା ବିଶ୍ୱାଳ ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଶ୍ରେଣୀ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ। ଅନୁଷ୍ଠାନର ଏଭଳି ଅଭିନବ ପ୍ରୟାସ ଅଭିଭାବକ ଓ ଅଭିଭାବିକାଙ୍କ ମହଲରେ ଉଚ୍ଚ ପ୍ରଶଂସିତ ଓ ଆଦୃତ ହୋଇପାରିଛି। କାର୍ଯ୍ୟକ୍ରମଟି ଯୁଗୋପଯୋଗୀ ପ୍ରମାଣିତ ହୋଇପାରିଛି। ଏଥିପାଇଁ ସହରର ସବୁ ମହଲରୁ ଅନୁଷ୍ଠାନକୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିଛି।



# ଆପ୍ ପକ୍ଷରୁ ଉପବାସ ଧାରଣା

ବଲାଙ୍ଗିର, ୨୮।୩(ସମିସ): ଆମ ଆଦମୀ ପାର୍ଟି ତରଫରୁ ଭାଗୀରଥି ଛକସ୍ଥିତ ଗାନ୍ଧୀ ପ୍ରତିମୂର୍ତ୍ତି ସମ୍ମୁଖରେ ଆଶିଷ ପାଣ୍ଡେଙ୍କ ନେତୃତ୍ୱରେ ଉପବାସ ଧାରଣା ଅନୁଷ୍ଠିତ ହୋଇଯାଇଛି। ଏହି ଧାରଣା ରାଜ୍ୟ ତଥା ଜିଲ୍ଲାର ବିଭିନ୍ନ ସ୍ଥାନରେ ଦଳ ପକ୍ଷରୁ ଅନୁଷ୍ଠିତ ହୋଇଥିଲା। କଣ୍ଟାବାଞ୍ଜିରେ ସୁରଥ ବେହେରାଙ୍କ ନେତୃତ୍ୱରେ ଏହି ଉପବାସ-ଧାରଣା ଦିଆଯାଇଥିବା ବେଳେ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଗିରଫଦାରିର ପ୍ରତିବାଦ ସହ ଅନ୍ୟାନ୍ୟ ପ୍ରସଙ୍ଗରେ ଦଳ ପକ୍ଷରୁ ଆନ୍ଦୋଳନ ଜାରି ରହିଛି।



# ବ୍ଲକସ୍ତରୀୟ ଶିଶୁ ବିଜ୍ଞାନ କଂଗ୍ରେସ ମେଳା

ଦେଓଗାଁ, ୨୮।୩(ସମିସ): ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲରେ ଗୁରୁବାର ବ୍ଲକସ୍ତରୀୟ ଶିଶୁ ବିଜ୍ଞାନ କଂଗ୍ରେସ ପ୍ରଦର୍ଶନୀ ତଥା ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ତଥା ଆବାହକ ଅମ୍ବରିଶ ଭୋଇଙ୍କ ଆବାହକତ୍ୱରେ ତଥା ଏବିଇଓ ଅଜିତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମେଳାରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ମମତା ମହାଡିକ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲୋକେଶ୍ୱର ପଧାନ, ସମ୍ମାନିତ ଅତିଥି ଭାବେ ଏବିଇଓ ଦାଶରଥୀ ଥନାପତି, କବିରାଜ ମାଝୀ, ସିଆରସିସି ସୁଶାନ୍ତ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ସଂଯୋଜକ ରାଜକିଶୋର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ମେଳାରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୨୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପରିଚାଳନା ସମ୍ପାଦକ ବିଭୂତି ଭୂଷଣ ବେହେରାଙ୍କ ପରିଚାଳନରେ ବିଚାରକ ଭାବେ ଜୟକୃଷ୍ଣ ନାଏକ, ଆନନ୍ଦ ବଡପଣ୍ଡା ୫ଟି ପ୍ରକଳ୍ପକୁ ଶ୍ରେଷ୍ଠ ବିବେଚିତ କରିଥିଲେ। କାର୍ଯ୍ୟକ୍ରମକୁ ରାଜକିଶୋର ଦାସ, ସୁବ୍ରତ ବାବୁ, ପ୍ରମୋଦ ମହାପାତ୍ର, ଡମନ ପୋଢ଼, ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ବଳଦେବ ମାଝୀ, ସୁଶୀଳ ପଧାନ ତଥା ସମସ୍ତ ବିଜ୍ଞାନ ଶିକ୍ଷକ ସହଯୋଗ କରିଥିଲେ। ପ୍ରତାପ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ନିର୍ବାଚନ ତଦାରଖ ପାଇଁ କାର୍ଯ୍ୟ କରୁଛି ଏମ୍‌ସିଏମ୍‌ସି ସେଲ୍

ବଲାଙ୍ଗିର, ୨୮।୩(ସମିସ)

ସାଧାରଣ ନିର୍ବାଚନ ୨୦୨୪ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ନିର୍ବାଚନକୁ ଅବାଧ ଏବଂ ନିରପେକ୍ଷ ଭାବେ ପରିଚାଳନା କରିବା ପାଇଁ ଜିଲ୍ଲାସ୍ତରରେ ମିଡିଆ ସାର୍ଟିଫିକେସନ ଓ ମନିଟରିଂ ସେଲ (ଏମସିଏମସି) ଗଠନ କରାଯାଇଛି। ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏମସିଏମସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ କାର୍ଯ୍ୟ କରୁଛି। ଏହି ସେଲ୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଲା ରାଜନୈତିକ ବିଜ୍ଞାପନର ପ୍ରାକ ସାର୍ଟିଫିକେସନ, ଦେୟ ପ୍ରଦାନ କରାଯାଇଥିବା ଖବର (ପେଡ ନ୍ୟୁଜ) ତଦାରଖ ଓ କାର୍ଯ୍ୟାନୁଷ୍ଠାନ ଏବଂ ନିର୍ବାଚନ ପ୍ରକ୍ରିୟା ସମୟରେ ଗଣମାଧ୍ୟମ ଦ୍ୱାରା ହେଉଥିବା ଉଲଙ୍ଘନ ଉପରେ ନଜର ରଖିବା ସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସୁପାରିସ କରିବ। କୌଣସି ପଞ୍ଜିକୃତ ରାଜନୈତିକ ଦଳ/ଗୋଷ୍ଠୀ/ସଂଗଠନ/ବ୍ୟକ୍ତିବିଶେଷଙ୍କ ଦ୍ୱାରା ସାମାଜିକ ଗଣମାଧ୍ୟମ ସମେତ ବୈଦ୍ୟୁତିକ ଗଣମାଧ୍ୟମରେ ବିଜ୍ଞାପନକୁ ପ୍ରସାରଣ କରିବା ପୂର୍ବରୁ ଏହି କମିଟିର ମଞ୍ଜୁରୀ ଆବଶ୍ୟକ।

ପ୍ରାର୍ଥୀଙ୍କର ପ୍ରାକ ସାର୍ଟିଫିକେସନ ଆବେଦନକୁ ଜିଲ୍ଲାସ୍ତରୀୟ ଏମସିଏମସି କମିଟି ଗ୍ରହଣ କରୁଥିବା ବେଳେ ପଞ୍ଜିକୃତ ରାଜନୈତିକ ଦଳଗୁଡିକର ଆବେଦନ ରାଜ୍ୟସ୍ତରୀୟ ଏମସିଏମସି କମିଟି ଗ୍ରହଣ କରିବ। ପ୍ରତ୍ୟେକ ପଞ୍ଜିକୃତ ଦଳ କିମ୍ବା ପାର୍ଥୀ ବିଜ୍ଞାପନ ପ୍ରସାରଣ ପାଇଁ ନିର୍ଦ୍ଧାରିତ ୩ ଦିନରୁ ଅଧିକ ସମୟ ପୂର୍ବରୁ ଆବେଦନ କରିବାକୁ ପଡିବ। ଅଣପଞ୍ଜିକୃତଙ୍କ ପାଇଁ ଏହା ୭



ଦିନରୁ ଅଧିକ ଦିନ ପୂର୍ବରୁ ଆବେଦନ କରିବାକୁ ଆବଶ୍ୟକ। ବିଜ୍ଞାପନର ପ୍ରାକ ସାର୍ଟିଫିକେସନ ପାଇଁ ୨ଟି ନକଲ ବୈଦ୍ୟୁତିକ ଆକାରରେ ଏବଂ ଉପଯୁକ୍ତ ଅଟେସଟେଡ ଟ୍ରାନସ୍କ୍ରିପ୍ଟ, ଉତ୍ପାଦନ ଖର୍ଚ୍ଚ, ଟିଭି କିମ୍ବା କେବୁଲ ନେଟୱର୍କରେ ପ୍ରସାରଣର ଆନୁମାନିକ ମୂଲ୍ୟ ଏବଂ କେତେଥର ପ୍ରସାରଣ ହେବ ତାହାର ତାଲିକା ଦେବାକୁ ପଡିବ। ଯଦି କୌଣସି ରାଜନୈତିକ ଦଳ କିମ୍ବା ପ୍ରାର୍ଥୀଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ବିଜ୍ଞାପନ ଜାରୀ କରନ୍ତି ତେବେ ସେହି ବ୍ୟକ୍ତି ଶପଥରେ କହିବେ ଯେ ଏହା କୌଣସି ଦଳ କିମ୍ବା ପାର୍ଥୀଙ୍କ ହିତ ପାଇଁ ନୁହେଁ। ଲୋକସଭା ପ୍ରାର୍ଥୀଙ୍କ ଖର୍ଚ୍ଚ ୯୫ ଲକ୍ଷ ହେଇଥିବା ବେଳେ ବିଧାନସଭା ପାଇଁ ପ୍ରାର୍ଥୀ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ କରିପାରିବେ। ଜନପ୍ରତିନିଧି ଆଇନ ୧୯୫୧ ଧାରା ୭୭(୧)ଅନୁସାରେ, ପ୍ରତ୍ୟେକ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିବା ତାରିଖଠାରୁ ନିର୍ବାଚନ ଫଳାଫଳ ଯାଏଁ ତାଙ୍କ ଦ୍ୱାରା କିମ୍ବା ତାଙ୍କ ଦ୍ୱାରା ନିର୍ବାଚିତ ଏଜେଣ୍ଟ ଦ୍ୱାରା ହୋଇଥିବା ଖର୍ଚ୍ଚର ହିସାବ ରଖିବା ଆବଶ୍ୟକ। ରାଜନୈତିକ ଦଳଗୁଡିକ ମଧ୍ୟ ନିଜର ନିର୍ବାଚନ ଖର୍ଚ୍ଚର ତାଲିକା ନିର୍ବାଚନ ଆୟୁକ୍ତଙ୍କ ନିକଟରେ ଦାଖଲ କରିବେ। ରାଜନୈତିକ ଦଳଗୁଡିକ ବିଧାନସଭା ପାଇଁ ୭୫ ଦିନ ଏବଂ ଲୋକସଭା ପାଇଁ ୯୦ ଦିନ ମଧ୍ୟରେ ଖର୍ଚ୍ଚ ବିବରଣୀ ପ୍ରଦାନ କରିବେ। ମୁଦ୍ରିତ ଗଣମାଧ୍ୟମରେ ଯଦି କୌଣସି ବିଜ୍ଞାପନ ପ୍ରାର୍ଥୀଙ୍କ ଅସହମତିରେ ପ୍ରକାଶିତ ହୋଇଥାଏ ତେବେ ଆଇପିସି ଧାରା ୧୭୧ (ଏଚ) ଉଲଙ୍ଘନ ପାଇଁ ପ୍ରକାଶକଙ୍କ ବିରୋଧ ରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ଆରପି ଆକ୍ଟ ୧୯୫୧ ଧାରା ୧୨୭ (ଏ )ଅନୁସାରେ ସମସ୍ତ ନିର୍ବାଚନୀ ପାମ୍ପଲେଟ, ପୋଷ୍ଟର, ବ୍ୟାଙ୍କ ବିଲ୍ ଓ ଅନ୍ୟାନ୍ୟ ପ୍ରଚାର ପତ୍ରରେ ପ୍ରକାଶକ ଓ ମୁଦ୍ରାକରଙ୍କ ନାମ , ଠିକଣା ଓ ମୁଦିଲ କପିର ସଂଖ୍ୟା ସମ୍ମୁଖ ଭାଗରେ ସ୍ଥାନ ପାଇବା ବାଧ୍ୟତାମୂଳକ। ନାମାଙ୍କନପତ୍ରରେ ପ୍ରାର୍ଥୀ ସେମାନଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ସମ୍ପର୍କରେ ମଧ୍ୟ ଲେଖିବା ଆବଶ୍ୟକ।

# ୫୩୫ ପୋଲିଂ ଅଧିକାରୀଙ୍କ ହେବ ଡାକ୍ତରୀ ପରୀକ୍ଷା

ବଲାଙ୍ଗିର, ୨୮।୩(ସମିସ): ନିର୍ବାଚନ ପ୍ରକ୍ରିୟାରେ ସ୍ୱାସ୍ଥ୍ୟଗତ ଅଭିଯୋଗର ସତ୍ୟତାକୁ ସୁନିଶ୍ଚିତ କରିବା ପାଇଁ ବଲାଙ୍ଗିର ଜିଲ୍ଲା ପ୍ରଶାସନ ପକ୍ଷରୁ ଡାକ୍ତରୀ ପରୀକ୍ଷା କରାଯିବାକୁ ସ୍ଥିର ହୋଇଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗଠିତ ମେଡିକାଲ ବୋର୍ଡ ଦ୍ୱାରା ପୋଲିଂ ଅଧିକାରୀଙ୍କ ଡାକ୍ତରୀ ପରୀକ୍ଷା କରାଯିବ। ନିର୍ବାଚନ ପ୍ରକ୍ରିୟାରେ ନିଜର କର୍ତ୍ତବ୍ୟ ସମ୍ପାଦନ କରିବାର କ୍ଷମତାକୁ ପ୍ରଭାବିତ କରୁଥିବା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପ୍ରସଙ୍ଗକୁ ଦର୍ଶାଇଥିବା ପୋଲିଂ ଅଧିକାରୀଙ୍କ ଚିକିତ୍ସା ସ୍ଥିତିକୁ ସୂକ୍ଷ୍ମ ଭାବେ ଅନୁଧ୍ୟାନ କରିବା ଏହି ଡାକ୍ତରୀ ପରୀକ୍ଷାର ଉଦ୍ଦେଶ୍ୟ ରହିଛି।

ବଲାଙ୍ଗିର ଉପଖଣ୍ଡର ୧୨୦ ଜଣ ଅଧିକାରୀଙ୍କ ଆସନ୍ତା ମାର୍ଚ୍ଚ ୨୯ ଏବଂ ୧୧୬ ଜଣଙ୍କ ଆସନ୍ତା ମାର୍ଚ୍ଚ ୩୦, ପାଟଣାଗଡ଼ ଉପଖଣ୍ଡ ୪୬ ଜଣ ଅଧିକାରୀଙ୍କ ଆସନ୍ତା ମାର୍ଚ୍ଚ ୨୯ ଏବଂ ୪୭ ଜଣଙ୍କ ଆସନ୍ତା ମାର୍ଚ୍ଚ ୩୦, ଟିଟିଲାଗଡ ଉପଖଣ୍ଡ ୯୭ ଜଣ ଅଧିକାରୀଙ୍କ ଆସନ୍ତା ମାର୍ଚ୍ଚ ୨୯ ଏବଂ ୮୫ ଜଣଙ୍କ ଆସନ୍ତା ମାର୍ଚ୍ଚ ୩୦ ତାରିଖ ପୂର୍ବାହ୍ନ ସମୟରେ ସମସ୍ତ ଡାକ୍ତରୀ ପରୀକ୍ଷା କରାଯିବ। ସମୁଦାୟ ୫୩୫ ଜଣ ପୋଲିଙ୍ଗ ବ୍ୟକ୍ତିବିଶେଷଙ୍କ ପରୀକ୍ଷା ହେବାର ସ୍ଥିର ହୋଇଛି। ଉକ୍ତ ପରୀକ୍ଷାଗୁଡିକ ଭୀମଭୋଇ ମେଡ଼ିକାଲ କଲେଜ, ପାଟଣାଗଡ଼ ଉପଖଣ୍ଡ ମେଡ଼ିକାଲ ଓ ଟିଟିଲାଗଡ ଉପଖଣ୍ଡ ମେଡିକାଲରେ ହେବ। ପ୍ରଥମ ପର୍ଯ୍ୟାୟ ପୋଲିଂ ଅଧିକାରୀଙ୍କ ଟ୍ରେନିଂ ପରେ ସେମାନଙ୍କ ଦ୍ୱାରା ଉଠାଯାଇଥିବା ଅଭିଯୋଗ ଆଧାରରେ ଏହି ଡାକ୍ତରୀ ପରୀକ୍ଷା ହେବ। ନିର୍ବାଚନ ପ୍ରକ୍ରିୟାରେ ସମସ୍ତ ପୋଲିଂ ଅଧିକାରୀ ଶାରୀରିକ ଭାବେ ସୁସ୍ଥ ଏବଂ ସେମାନଙ୍କ କର୍ତ୍ତବ୍ୟ ପାଳନ କରିବାରେ ସକ୍ଷମତା ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି।

# ମରଣଯନ୍ତା ପାଲଟିଛି ରେଲୱେ ବାଇପାସ୍

**ଶଗଡ଼ା, ୨୮ ।୩(ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା ଶଗଡ଼ା ରାସ୍ତାର ବିଛଣା ପାଟି ନିକଟରେ ଥିବା ରେଲୱେ ବାଇପାସ୍‌ର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି । ରେଲୱେ ଠିକା ସଂସ୍ଥାର ଅବହେଳା ସହ ଦୂରଦୃଷ୍ଟିର ଅଭାବ ଯୋଗୁଁ ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ରାସ୍ତା ଖରାପ ଯୋଗୁଁ ଲୋକେ ଯିବା ଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ଏହି ରାସ୍ତା ଉପରେ ଆଖପାଖ ୫ଟି ପଞ୍ଚାୟତର ଲୋକେ ଯାତାୟତ କରିଥାନ୍ତି । ହେଲେ ଉକ୍ତ ରାସ୍ତାରେ ରେଲୱେ ବାଇପାସ୍ ରାସ୍ତାଟି ବୁଲାଣୀ ହୋଇଥିବାରୁ ସାମାନ୍ୟ ବର୍ଷା ହେଲେ ଉକ୍ତ ରାସ୍ତାରେ ବର୍ଷା ପାଣି ଜମି ଯିବାରୁ ଲୋକେ ଯାତାୟତରେ ବହୁ ସମସ୍ୟା ସମ୍ମୁଖୀନ ହେଉଛନ୍ତି । ଅନ୍ୟପଟେ ଉକ୍ତ ରାସ୍ତାରେ ଛୋଟବଡ ଖାଲ ହୋଇଥିବା ବେଳେ ପଥର ଗୁଡ଼ିକ ପଡ଼ିଥିବା ଯୋଗୁଁ ଲୋକେ ଯାତାୟତ ସମୟରେ ଅନେକ ଦୁର୍ଘଟଣା ଘଟୁଥିବା ବେଳେ ଅନେକ ବାଇକ୍‌ରୁ ଖସି ପଡ଼ି ଆହତ ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି । ଏହି ରାସ୍ତା ସମସ୍ୟାର ସମାଧାନ ପାଇଁ ଲୋକେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ନିକଟରେ



ଅଭିଯୋଗ କଲେ ମଧ୍ୟ ଏହାର କୌଣସି ସମାଧାନ ହୋଇ ପାରି ନାହିଁ । ବର୍ତ୍ତମାନ ଉକ୍ତ ରାସ୍ତା ଦେଇ ରେଲ ଗଡ଼ିବା ପାଇଁ ସମସ୍ତ ପ୍ରସ୍ତୁତି ସରିଥିବା ବେଳେ ଉକ୍ତ ରାସ୍ତାର ମରାମତି ପାଇଁ ରେଲୱେ ଠିକା ସଂସ୍ଥା ଦୃଷ୍ଟି ଦେଉନାହିଁ । କେବଳ ମେଟାଲିଙ୍ଗ କରି ଛାଡ଼ି ଦେଇଥିବାରୁ ଗାଡ଼ି ମୋଟର ଯାତାୟତରେ ଉକ୍ତ ଖାଲ ହୋଇଥିବା ବେଳେ ମେଟାଲ ସବୁ ବାହାରି ପଡ଼ି ଦୁର୍ଘଟଣା ଘଟୁଛି । ବର୍ଷା ପୂର୍ବରୁ ଉକ୍ତ ରାସ୍ତାର ସ୍ଥାୟୀ ସମାଧାନ ନ ହୁଏ ତେବେ ଆଗାମୀ ଦିନରେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କଡ଼ା ଚେତାବନୀ ଦେଇଛନ୍ତି ।

# ଜଙ୍ଗଲ ଭିତରେ ଚେକ୍‌ଡ୍ୟାମ୍

**ଶଗଡ଼ା, ୨୮ ।୩(ସମିସ)**

ସରକାର ଚାଷୀଙ୍କ ଉନ୍ନତି ପାଇଁ ଅନେକ ଯୋଜନା ପ୍ରଣୟନ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚାନ୍ଦ୍ରିକା ଯୋଗୁଁ କାମ ନିମ୍ନମାନର ହେଉଛି । ଏଣୁ ଚାଷୀ ଏହାର ସୁବିଧାରୁ ବଞ୍ଚିତ ହେଉଛନ୍ତି । ଚାଷୀଙ୍କ ଜମିକୁ ପାଣି ଯୋଗାଇ ଦେବାକୁ ସରକାର ଚେକ୍ ଡ୍ୟାମ ନିର୍ମାଣ କରୁଥିବା ବେଳେ ଲାଭଖୋର ମନୋବୃତ୍ତି ନେଇ ଅନାବଶ୍ୟକ ଜାଗାରେ ଚେକ୍‌ଡ୍ୟାମ ନିର୍ମାଣ କରୁଥିବା ଅଭିଯୋଗ ହୋଇଛି ।

କଣ୍ଟାମାଳ ବ୍ଲକ ଖଟଖଟିଆ ପଞ୍ଚାୟତ ଜାଲପାଲି ଗ୍ରାମ ନିକଟସ୍ଥ ଜଙ୍ଗଲ ଭିତରେ ଥିବା ନାଳରେ ବୌଦ୍ଧ କ୍ଷୁଦ୍ର ଜଳ ସେଚନ ବିଭାଗ ପକ୍ଷରୁ ଏକ ଚେକ୍‌ଡ୍ୟାମ୍ ନିର୍ମାଣ କରାଯାଉଛି । ନିର୍ମାଣ କାର୍ଯ୍ୟ ପୂର୍ବରୁ ପ୍ରକଳ୍ପ ସ୍ଥଳରେ ସୂଚନା ଫଳକ ଲଗାଇବାର ନିୟମ ଥିଲେ ସୁଦ୍ଧା ଉକ୍ତ ସ୍ଥାନରେ କୌଣସି ଫଳକ ଲଗା ଯାଇ ନାହିଁ । ଏହା ଫଳରେ କେଉଁ ବିଭାଗ ପକ୍ଷରୁ କେତେ



ଟଙ୍କା ବ୍ୟୟରେ ନିର୍ମାଣ କରାଯାଉଛି ତାହା ଲୋକେ ଜାଣି ପାରୁ ନାହାଁନ୍ତି । ଅନ୍ୟପଟେ ଉକ୍ତ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ନିର୍ଦ୍ଧାରିତ ଗଭୀର ପର୍ଯ୍ୟନ୍ତ ଖୋଳା ଯାଉ ନ ଥିବା ବେଳେ ଅଳ୍ପ ଖୋଳି ସେ ଜାଗାରେ କଂକ୍ରିଟ ଢଳା ଯାଉଛି । ଚିପ୍ସ, ବାଲି ଓ ସିମେଣ୍ଟର ମିଶ୍ରଣରେ ନିମ୍ନମାନର ସିମେଣ୍ଟ ସହ ମାପ ଅନୁସାରେ କମ୍ ସିମେଣ୍ଟ ଦିଆ ଯାଉଥିବା ଅଭିଯୋଗ ହୋଇଛି । ଏ ନେଇ ଗ୍ରାମବାସୀ ଅଭିଯୋଗ କଲା ପରେ ମଧ୍ୟ ସମ୍ପୃକ୍ତ ଠିକାଦାର ଶୁଣୁ ନ ଥିବା ଗ୍ରାମବାସୀ କହିଛନ୍ତି ।

ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲା ପରେ ଯନ୍ତ୍ରୀ ଆସି କାମ ଠିକ ଭାବରେ କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ; ହେଲେ ଯନ୍ତ୍ରୀ ଚାଲିଗଲା ପରେ ଠିକାଦାର ପୂର୍ବଭଳି ନିମ୍ନମାନର କାର୍ଯ୍ୟ ଚାଲୁ ରଖିଥିଲେ । ଏଭଳି ନିମ୍ନମାନର କାର୍ଯ୍ୟକୁ ଦେଖି ଏହାର ସ୍ଥାୟିତ୍ୱକୁ ନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି । ଅନ୍ୟପଟେ ଆଖପାଖରେ କୌଣସି ଚାଷ ଜମି ନ ଥିବା ବେଳେ ବିଭାଗୀୟ ଅଧିକାରୀ

- ଯନ୍ତ୍ରୀଙ୍କ ନିର୍ଦ୍ଦେଶ ମାନୁ ନାହାନ୍ତି ଠିକାଦାର
- ବିନା ସୂଚନାଫଳକରେ ଚାଲିଛି କାମ
- ନିମ୍ନମାନର କାର୍ଯ୍ୟ ଲାଗି ସ୍ଥାୟିତ୍ୱ ଉପରେ ପ୍ରଶ୍ନ

କେମିତି ପରିଦର୍ଶନ କରି ଚେକ୍‌ଡ୍ୟାମ କରିବାକୁ ଅନୁମତି ଦେଲେ ତାହା ସନ୍ଦେହ ସୃଷ୍ଟି କରିଛି । ଅନାବଶ୍ୟକ ଜାଗାରେ ଚେକ୍‌ଡ୍ୟାମକୁ ଦେଖିଲେ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା ସ୍ପଷ୍ଟ ଜଣାପଡୁଛି । ଏଭଳି କାର୍ଯ୍ୟ କରି ୩୫ ଲକ୍ଷ ଟଙ୍କା ସରକାରୀ ଅର୍ଥ ଆତ୍ମସାତ କରାଯାଉଛି ।

## ସାମ୍ବାଦିକ ଭବନ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର

**ସୋନପୁର, ୨୮ ।୩(ସମିସ):** ସୋନପୁର ଜିଲ୍ଲା ସାମ୍ବାଦିକ ସଂଘ କାର୍ଯ୍ୟାଳୟ ନିର୍ମାଣ ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ଅର୍ଥ ମଞ୍ଜୁର ହୋଇଛି । ଜିଲ୍ଲା ପ୍ରଶାସନ ସୁପାରିଶ କ୍ରମେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ କାର୍ଯ୍ୟାଳୟ ଓ ସମ୍ମିଳନୀ କକ୍ଷ ନିର୍ମାଣ ପାଇଁ ୨୨ ଲକ୍ଷ ୩୩ ହଜାର ଟଙ୍କା ମଞ୍ଜୁର ହୋଇଛି । ଏଥିପାଇଁ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଗୋରେଖନାଥ ସାହୁ ଏବଂ ସମ୍ପାଦକ ବ୍ୟୋମକେଶ ଦାଶ ଜିଲ୍ଲା ପ୍ରଶାସନ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦକୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ଅର୍ଡ଼ା ଅଗ୍ନିବିପନ୍ନଙ୍କୁ ଭେଟିଲେ ବ୍ଲକ୍ ଅଧ୍ୟକ୍ଷ

**ତରଭା, ୨୮ ।୩(ସମିସ):** ତରଭା ବ୍ଲକ ରାଣୀସର୍ଡା ପଞ୍ଚାୟତ ଅର୍ଡା ନିବାସୀ ବିଦ୍ୟାଧର ଗେଜେ ଓ ତାଙ୍କ ୩ ପୁଅ ରହୁଥିବା ୪ ବଖରା ଘର ଜଳି ପାଉଁଶ ହୋଇଯାଇଛି । ୨୫ତାରିଖ ରାତିରେ ପ୍ରବଳ ଘଡଘଡି ଓ ବଜ୍ରପାତରେ ଏଭଳି ଘଟଣା ଘଟିଛି । ତେବେ ତରଭା ବ୍ଲକ ଅଧ୍ୟକ୍ଷ ତଥା ବିଜେଡି ସୋନପୁର ଜିଲ୍ଲା ସଭାପତି ସରୋଜ କମ୍ପ ଅସହାୟ ଅବସ୍ଥାରେ ରହୁଥିବା ଗେଜେ ପରିବାରକୁ ଭେଟିଛନ୍ତି । ଅଗ୍ନିବିପନ୍ନ ପରିବାରକୁ ସହାନୁଭୂତି ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ ।

## ହନୁମାନ ଚାଳିଶା ପଠନ, ଶୁଭସ୍ତମ୍ଭ ସ୍ଥାପନ

**ଶଗଡ଼ା, ୨୮ ।୩(ସମିସ):** କଣ୍ଟାମାଳ ବ୍ଲକ ଛକ ସ୍ଥିତ ଶ୍ରୀରାମ ମନ୍ଦିରରେ ବ୍ଲକ ଛକ ଶ୍ରୀରାମ ଚରିତ ମାନସ ଭକ୍ତଙ୍କ ଦ୍ୱାରା ୧୦୮ ହନୁମାନ ଚାଳିଶା ପାଠ ଓ ଘୃତଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ତେବେ ଏପ୍ରିଲ ୫ରୁ ୧୩ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ତୁଳସୀ ରାମାୟଣ ପାରାୟଣ, ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ନିମନ୍ତେ ମାଙ୍ଗଳିକ ଶ୍ରାଦ୍ଧ, ଦେବ ନିମନ୍ତ୍ରଣ ଓ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି । ଏଥିରେ ହରିବନ୍ଧୁ ପୁରୋହିତ ସପତ୍ନୀକ ଯଜ୍ଞର କର୍ତ୍ତା ଥିଲେ । ପଣ୍ଡିତ ସନତ ମିଶ୍ର ଯଜ୍ଞ ପୁରୋହିତ ଭାବେ ଦାୟିତ୍ୱ ତୁଲାଇଥଲେ । ମନ୍ଦିର ପୂଜକ ଆନନ୍ଦ ଚନ୍ଦ୍ର ପାଢ଼ୀ ସହଯୋଗ କରିଥିଲେ । ସେହିପରି ଅଷ୍ଟୋତ୍ତର ସତଚାଳିଶା ସାମୂହିକ ପଠନର ବ୍ୟାସ ଭାବେ ଭାଗ୍ୟଧର ମିଶ୍ର ଓ ଦାମୋଦର ସ୍ୱାଇଁ ଦାୟିତ୍ୱ ତୁଲାଇଥିଲେ । କଣ୍ଟାମାଳ ବ୍ଲକ ଛକ ଶ୍ରୀରାମ ଚରିତ ମାନସ ଆୟୋଜନ କମିଟି ସଭାପତି ସନ୍ତୋଷ ବିଶିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ଉତ୍ସବରେ ସଦାନନ୍ଦ ପାଢ଼ୀ, ନୀଳାଞ୍ଚଳ ଗୁରୁ, ରାଜକିଶୋର ମିଶ୍ର, ସୁଶୀଲ ପାଣିଗ୍ରାହୀ, ଗୌରାଙ୍ଗ ବଗର୍ତ୍ତୀ, ଅପର୍ତ୍ତି ପ୍ରଧାନ, ଅରୁଣ ସାହୁ, ମନୋଜ ରାଜହଂସ ପ୍ରମୁଖ ଯୋଗ ଦେଇଥିଲେ ।

## ଯୌତୁକ ନିର୍ଯାତନା, ସ୍ୱାମୀର ଦ୍ୱିତୀୟ ବିବାହ | ଅଭିଯୋଗ ସତ୍ତ୍ୱେ ଶୁଣୁନି ମନମୁଣ୍ଡା ଥାନା



**ବୌଦ୍ଧ, ୨୮ ।୩(ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ମନୁପାଲି ପଞ୍ଚାୟତ ସାଣ୍ଡପାଲି ଗ୍ରାମରେ ଜଣେ ମହିଳାଙ୍କୁ ଯୌତୁକ ନିର୍ଯାତନା ଦିଆଯାଉଛି । ଏହାସହ ତାଙ୍କ ସ୍ୱାମୀ ଦ୍ୱିତୀୟ ବିବାହ କରିଛନ୍ତି । ସମ୍ପୃକ୍ତ ମହିଳା ଜଣକ ଏଭଳି ଅଭିଯୋଗ କରି ନ୍ୟାୟ ପାଇଁ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଦ୍ୱାରସ୍ଥ ହୋଇଛନ୍ତି ।

ଡିମିରିପାଲି ଗ୍ରାମର ନୀଳେନ୍ଦ୍ରୀ ସାହୁ ୧୦ ବର୍ଷ ତଳେ ସାଣ୍ଡପାଲି ଗ୍ରାମର ରାଜୁ ସାହୁଙ୍କୁ ରୀତି ନୀତି ଅନୁଯାୟୀ ବିବାହ କରିଥିଲେ । ଉଭୟଙ୍କର ଏକ ୭ ବର୍ଷର ଝିଅ ଓ ୫ ବର୍ଷର ପୁଅ ମଧ୍ୟ ଅଛନ୍ତି । ଅଧିକ ଯୌତୁକ ଦାବି କରି ରାଜୁ ଓ ତାଙ୍କ ପରିବାର ନିଳେନ୍ଦ୍ରୀ ଉପରେ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ । ଗତ ଫେବ୍ରୁୟାରୀ ୨ ତାରିଖ ଦିନ ନିଲେନ୍ଦ୍ରୀଙ୍କୁ ସ୍ୱାମୀ ରାଜୁ ଦୁଇ ଛୁଆଙ୍କ ସହ ଘରୁ ବାହାର କରି ଦେଇଥିଲେ । ନିଲେନ୍ଦ୍ରୀ ବାପ ଘର ଡିମିରିପାଲି ଚାଲି ଆସିବା ପରେ ରାଜୁ ବୌଦ୍ଧ ଥାନା କେଲାକଟା ଗ୍ରାମର ଆଉ ଜଣେ ଯୁବତୀଙ୍କୁ ଦ୍ୱିତୀୟ ବିବାହ କରିଥିଲେ । ଏ ସମ୍ପର୍କରେ ନିଲେନ୍ଦ୍ରୀ ୪ ତାରିଖରେ ମନମୁଣ୍ଡା ଥାନାରେ ସ୍ୱାମୀଙ୍କ ନାମରେ ଯୌତୁକ ନିର୍ଯାତନା ଓ ଦ୍ୱିତୀୟ ବିବାହ ନେଇ ଅଭିଯୋଗ କରିଥିଲେ । ଇତି ମଧ୍ୟରେ ୨ ମାସ ବିତି ଯାଇଥିଲେ ମଧ୍ୟ ମନମୁଣ୍ଡା ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ଅଭିଯୋଗ କରି ନିଲେନ୍ଦ୍ରୀ ନ୍ୟାୟ ପାଇଁ ବୌଦ୍ଧ ଏସ୍‌ପିଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି ।

**ମହିଳା ଏସ୍‌ପିଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ**

● ନାଟ୍ୟଚକ୍ର ପକ୍ଷରୁ ବିଶ୍ୱନାଟ୍ୟ ଦିବସ

## 'ନାଟକ ସମାଜକୁ ଉଚିତ ଦିଗ୍‌ଦର୍ଶନ ଦେଇଥାଏ'

**ସୋନପୁର, ୨୮ ।୩(ସମିସ):** ସ୍ଥାନୀୟ ସାହାରା ଟ୍ରଷ୍ଟ ଉଚ୍ଚବିଦ୍ୟାଳୟରେ ସୁବର୍ଣ୍ଣପୁର ଜିଲ୍ଲାର ଅଗ୍ରଣୀ ନାଟକ ଓ ନୃତ୍ୟ ଅନୁଷ୍ଠାନ ନାଟ୍ୟଚକ୍ର ପକ୍ଷରୁ ବିଶ୍ୱନାଟ୍ୟ ଦିବସ-୨୦୨୪ ପାଳିତ ହୋଇଯାଇଛି । ଏଥିରେ ବରିଷ୍ଠ ସାମ୍ବାଦିକ ତଥା ଆଇନଜୀବୀ ଗୋରେଖନାଥ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ନାଟକ ଜୀବନର ପ୍ରତିଛବି । ନାଟକ ହିଁ ସମାଜକୁ ଉଚିତ ଦିଗଦର୍ଶନ ଦେଇଥାଏ ବୋଲି କହିଥିଲେ ।



ମୁଖ୍ୟବକ୍ତା ଭାବେ ବରିଷ୍ଠ ନାଟ୍ୟକାର ତଥା ନିର୍ଦ୍ଦେଶକ ଶ୍ୟାମାଓଁ ପ୍ରସାଦ ମିଶ୍ର ଯୋଗଦେଇ ଆଧୁନିକ ନାଟକ ଉପରେ ଆଲୋଚନା କରିଥିଲେ ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ମୀନା ମହାରଣା, ଶିକ୍ଷାବିତ ଗତିକୃଷ୍ଣ ମିଶ୍ର, ଗୋବିନ୍ଦ ମହାରଣା, ଶ୍ରୀବତ୍ସ ମଲ୍ଲିକ, ନାଟ୍ୟ ନିର୍ଦ୍ଦେଶକ ନାଟ୍ୟଶ୍ରୀ ଗଦାଧର ବାରିକ, ନାଟ୍ୟଚକ୍ର ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଶିବପ୍ରସାଦ ଗୁରୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବିଶିଷ୍ଟ ଦଣ୍ଡକଳାକାର ବିପିନ ଜାଲଙ୍କୁ ନାଟ୍ୟଚକ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା । ବିଦୁସ୍ମିତା ଜାଲ, ଶ୍ରୀୟା ସାହୁ, ସ୍ୱିକୃତୀ ମିଶ୍ର ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ । ଏହି ଅବସରରେ ବଡକର୍ଲେ ବୀଣାପାଣି ନାଟ୍ୟ ସଂସଦ ପକ୍ଷରୁ ଏକ ହାସ୍ୟ ରସଯୁକ୍ତ ନାଟକ 'ନାଇଟ୍ ହସ୍ପିଟାଲ' ମଞ୍ଚସ୍ଥ ହୋଇଥିଲା । ଯୁବ ନିର୍ଦ୍ଦେଶକ ମନୋଜ ବାରିକ ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ସନ୍ତୋଷ ପ୍ରଧାନ, ସୌମ୍ୟକାନ୍ତ ମିଶ୍ର, ପ୍ରୟବ୍ରତ ନାଏକ, ପଞ୍ଚାନନ ନାଏକ, ରଶ୍ମିରଞ୍ଜନ ମିଶ୍ର, ମିଥୁନ ସାହୁ, ଉମେଶ କୁମ୍ଭାର, ଜିତେନ୍ଦ୍ର ମେହେର, କୌଶିକ ଜାଲ, ବଳଦେବ, ସଞ୍ଜିବ ଥନାପତି, ରମେଶ ନନ୍ଦ, ଗଣପତି ବାଘ, ସିତାକାନ୍ତ ସିଂ, ରାଜ ମହାନ୍ତି, ଶ୍ରଦ୍ଧାଞ୍ଜଳି ମିଶ୍ର, ହିରଣ୍ମୟୀ ବାରିକ, ଜ୍ୟୋତିର୍ମୟୀ ବାରିକ ପ୍ରମୁଖ ସହଯୋଗ କରିଥିଲେ ।

## ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ



**ଶଗଡ଼ା, ୨୮ ।୩(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଖଟଖଟିଆ ଗ୍ରାମସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ବାର୍ଷିକୋତ୍ସବ ସ୍ଥାନୀୟ ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି । ସକାଳୁ ମା ପଣ୍ଡେଇଙ୍କ ପୀଠରେ ପୂଜାର୍ଚ୍ଚନା ପରେ ନାମ ସଙ୍କୀର୍ତ୍ତନ, ପତର ସଉରା, ଦୁଲଦୁଲି ବାଜା ସହିତ ଏକ ମଶାଲ ଶୋଭାଯାତ୍ରା ବାହାରି ସ୍କୁଲର କୁନି କୁନି ପିଲାଙ୍କ ସହ ଗ୍ରାମ ପରିକ୍ରମା କରଯାଇଥିଲା । ବିଜିତ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସାଗରିକା ପ୍ରଧାନ ଦୁର୍ଗା ସ୍ତୁତି ଓ ମାତୃ ମନ୍ତ୍ର ଆବୃତ୍ତି କରିଥିଲେ । ରାମ ପ୍ରସାଦ କର୍ଣ୍ଣ ସ୍ୱାଗତ ଅଭିଭାଷଣ ରଖିଥିଲେ । ଆଲୋଚକ ଭାବେ ଗୌରୀ ପ୍ରସାଦ ସାହୁ, ବିରେନ୍ଦ୍ର ଭୂଷଣ ମେଣ୍ଡିଲି, ଦିଲ୍ଲୀପ କର୍ଣ୍ଣ ପ୍ରମୁଖ ଯୋଗ ଦେଇଥିଲେ । ସନ୍ଧ୍ୟା ଅଧିବେଶନରେ ମୁଖ୍ୟ ଅତିଥି ଭାବରେ ବୌଦ୍ଧ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଭଞ୍ଜନଗର ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ବିବେକ ଭାଇ, ରାମ ପ୍ରସାଦ କର୍ଣ୍ଣ, ରାଧାକାନ୍ତ ମହାଲିକ, ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟା ପୀଠର ପ୍ରଧାନ ଶିକ୍ଷୟିତ୍ରୀ ଯଜ୍ଞସେନି ଖେତୀ, ସିଆରସିସି ଶଶାଙ୍କ ପୋଢ଼, ସ୍କୁଲ ପରଚାଳନା ସଭାପତି ଗଣେଶ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ଟ୍ରଫି, ମାନପତ୍ର, ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ରଞ୍ଜନ ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମକୁ ସୁରେନ୍ଦ୍ର କର୍ଣ୍ଣ ପରିଚାଳନା କରିଥିଲେ । ସ୍କୁଲର ଅଧ୍ୟକ୍ଷ ଜଗନ୍ନାଥ କ୍ଷେତି, ସମ୍ପାଦକ ଲଳିତ ବସ୍ତିଆ, ନେପାଳ ଚନ୍ଦ୍ର ପଲିଆ, ସତ୍ୟ ନାରାୟଣ ଖେତି, ସୁମିତ ସାହୁ, ମନୋଜ ସେଠୀ, ଗୁପ୍ତେଶ୍ୱର ଖେତି ପ୍ରମୁଖ ସହଯୋଗ କରିଥିଲେ । ଶେଷରେ କୁନି କୁନି ପିଲାଙ୍କ ସମ୍ବଲପୁରୀ, ରସରକେଲି, ମାଇଲା ଜଡ ଦର୍ଶକମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଉପଭୋଗ କରିଥିଲେ । ବାମଦେବ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଟିକସ ଫାଙ୍କି ଅଭିଯୋଗରେ ଜିଏସ୍‌ଟି ଚଢ଼ଉ



**ବୌଦ୍ଧ, ୨୮ ।୩(ସମିସ):** ଜିଏସଟି ଫାଙ୍କିବା ଅଭିଯୋଗରେ ବୌଦ୍ଧର ୪ଟି ସ୍ଥାନରେ ସମ୍ବଲପୁର ଜିଏସଟି ବିଭାଗ ତରଫରୁ ଚଢ଼ଉ କରାଯାଇଛି । ବୌଦ୍ଧ ସହରର ବ୍ୟବସାୟୀ ଗଜାନନ ଅଗ୍ରୱାଲଙ୍କ ଗୋପାଳ ଷ୍ଟୋର ଓ ବାଲାଜୀ ହାଡ଼ୱାର ଷ୍ଟୋର ଦୀର୍ଘଦିନରୁ ଜିଏସଟି ଫାଙ୍କି ବ୍ୟବସାୟ କରୁଥିବା ଜିଏସଟି ବିଭାଗ ପାଖରେ ଅଭିଯୋଗ ହୋଇଥିଲା । ଏଣୁ ଗୁରୁବାର ସକାଳୁ ସମ୍ବଲପୁର ଜିଏସଟି ବିଭାଗ ତରଫରୁ ବ୍ୟବସାୟୀ ଶ୍ରୀ ଅଗ୍ରୱାଲଙ୍କ ଏହି ଦୁଇଟି ବ୍ୟବସାୟିକ ପ୍ରତିଷ୍ଠାନ ଓ ଗମ୍ଭାରୀପଦରସ୍ଥିତ ପେଟ୍ରୋଲ ପମ୍ପ ସହ ଗୋଦାମ ଘରେ ଚଢଉ କରାଯାଇଥିଲା । ଏହି ଚଢଉରେ ୧୨ ଜଣିଆ ଜିଏସଟି ଅଧିକାରୀଙ୍କ ଟିମ୍ ସାମିଲ ହୋଇଥିବା ବେଳେ କଡା ପୁଲିସ ସୁରକ୍ଷା ବଳୟରେ ଚଢଉ କରାଯାଇଛି ।

## ମନମୁଣ୍ଡାରେ ଏସ୍‌ବିଆଇ ଶାଖା ଖୋଲିଲା



**ମନମୁଣ୍ଡା, ୨୮ ।୩(ସମିସ):** ମନମୁଣ୍ଡାରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ଶାଖା ଖୋଲିଛି । ଏହି ଅବସରରେ ଅନୁଷ୍ଠିତ ପୂଜା ଓ ହୋମରେ ଶାଖା ପରିଚାଳକ ବାଲଗୋପାଳ ନାୟକ ଓ ତାଙ୍କ ପତ୍ନୀ ସୋନାଲି ପୁରୋହିତ କର୍ତ୍ତା ଥିଲେ । ବୌଦ୍ଧ ଲିଡ ବ୍ୟାଙ୍କ ଚିଫ ମ୍ୟାନେଜର କାଉକେଶ୍ୱର ପଣ୍ଡା ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ କଣ୍ଟାମାଳ ସାମ୍ବାଦିକ ସଂଘ ସଭାପତି ବୈଦ୍ୟନାଥ ହୋତା, ଉଦ୍ୟୋଗପତି ଆଶିଷ ସାହୁ, ବିଜେପି ମନମୁଣ୍ଡା ମଣ୍ଡଳ ସଭାପତି ନିରଞ୍ଜନ କର୍ଣ୍ଣ, ଆରତୀ ବଡ଼ପଣ୍ଡା, ଶିକ୍ଷକ ସୁଦାମ ଚରଣ ଦିଶିରୀ, ସଞ୍ଜୟ ବଡ଼ପଣ୍ଡା, ଏସବିଆଇ କିଓସ୍କ ଅଧିକାରୀ ପ୍ରେମଦାର ଶା ପ୍ରମୁଖ ଯୋଗ ଦେଇଥିଲେ ।

## ହତ୍ୟାକାଣ୍ଡରେ ୩ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ

**ବୌଦ୍ଧ, ୨୮ ।୩(ସମିସ):** ବୌଦ୍ଧ ବ୍ଲକ ବାଉଁଶୁଣୀ ଥାନା ବହିରା ଗ୍ରାମରେ ଜମିବାଡି ବିବାଦକୁ ନେଇ ୨୦୧୪ରେ ହୋଇଥିବା ନିରଞ୍ଜନ ସାହୁ ହତ୍ୟାକାଣ୍ଡ ମାମଲାର ରାୟ ପ୍ରକାଶ ପାଇଛି । ବାଉଁଶୁଣୀ ପୁଲିସର ଚାର୍ଜସିଟ ଓ ୧୩ ଜଣ ସାକ୍ଷୀଙ୍କ ବୟାନକୁ ବିଚାରକୁ ନେଇ ଜିଲ୍ଲା ଦୌରାଜଜ୍ ବିକ୍ରମ କୁମାର ପ୍ରଧାନ ୩ ଅଭିଯୁକ୍ତ ବନମାଳୀ ସାହୁ, କୁନ୍ତୀ ସାହୁ ଓ କ୍ଷୀରାର୍ଣ୍ଣବ ସାହୁଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେବା ସହ ୧୦ ହଜାର ଟଙ୍କା ଲେଖାଏଁ ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଜମିବାଡି ବିବାଦକୁ ନେଇ ୨୦୧୪ ଜୁଲାଇ ୧୩ ତାରିଖ ସକାଳ ୮ରେ ଜମିରେ ହଳ କରୁଥିବା ବେଳେ ନିରଞ୍ଜନଙ୍କୁ ସଂଘବଦ୍ଧ ଆକ୍ରମଣ କରି ହତ୍ୟା କରାଯାଇଥିଲା । ତେବେ ଏହି ମାମଲାରେ ସରକାରଙ୍କ ପକ୍ଷରୁ ପିପି ସବିତା ପଣ୍ଡା ପରିଚାଳନା କରିଥିଲେ । ସୂଚନାଯୋଗ୍ୟ, ପୂର୍ବରୁ ଏହି ମାମଲାରେ ୨ ଜଣ ଅଭିଯୁକ୍ତଙ୍କୁ ଦଣ୍ଡ ବିଧାନ କରାଯାଇଛି ।

# ସମୃଦ୍ଧ ଇତିହାସର ମୂକସାକ୍ଷୀ ଖଣ୍ଡିଆ ଦେଉଳ

**ସୋନପୁର, ୨୮ ।୩ (ସମିସ)**

ପର୍ଯ୍ୟଟନ ଦୃଷ୍ଟିରୁ ସୁବର୍ଣ୍ଣପୁରର ଦାନ ଅତୁଳନୀୟ । ମନ୍ଦିର, ଜଙ୍ଗଲ, ମହାନଦୀ ଆଦି ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରକୁ ସମୃଦ୍ଧ କରିଛି । ମହାନଦୀ ସୁବର୍ଣ୍ଣପୁରର ଜୀବନ ରେଖା । ଏହି ନଦୀ କୂଳରେ କେତେ ମନ୍ଦିର, ଘାଟ, ସଭ୍ୟତା ଇତ୍ୟାଦି ଗଢି ଉଠିଛି । ଅନେକ ଐତିହ୍ୟକୁ ଏହାରି ବକ୍ଷରେ ଧରି ରଖିଛି । ସେହିଭଳି ବହୁ କଳା ନୈପୁଣ୍ୟତାର ମୁକସାକ୍ଷୀ ହେଉଛି ମହାନଦୀର ନୀଳ ରାଶିରେ ଦଣ୍ଡାୟମାନ ଖଣ୍ଡିଆ ଦେଉଳ । ମହାନଦୀ ଗର୍ଭରେ ଏକ ବିରାଟକାୟ ପ୍ରସ୍ତର ଖଣ୍ଡ ଉପରେ ଏହି ମନ୍ଦିର ନିର୍ମିତ ହୋଇଛି । ଦେଉଳଟି ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବାରୁ ଏହାକୁ ଖଣ୍ଡିଆ ଦେଉଳ କୁହାଯାଏ ।

ଖଣ୍ଡିଆ ଦେଉଳ ଯିବାକୁ ହେଲେ ସୋନପୁର ତେନ୍ତୁଳିଘାଟରୁ ପ୍ରାୟ ୧୦ କିଲୋମିଟର ଡଙ୍ଗାରେ ଯାତ୍ରା କରିବାକୁ ପଡେ । ସେହିପରି ବୀରମହାରାଜପୁର-ସୋନପୁର ମୁଖ୍ୟ ରାସ୍ତାରେ ଗଲେ ରାସ୍ତାର ବାମ ଆଡକୁ ଭୁଡବର ଛକରୁ ଭୁଡୋବର ଗାଁ ଭିତର ଦେଇ ମହାନଦୀ ପଠାକୁ ଏକ ରାସ୍ତା ରହିଛି । ଏଠାରେ ରହିଛି ଝରାପଡ଼ା ଗାଁ । ଏଠାରେ କେଉଟ (ଝରା) ସମ୍ପ୍ରଦାୟର ଲୋକ ବସବାସ କରନ୍ତି । ଏଠାରୁ ହୁଲି ଡଙ୍ଗାରେ ଗଲେ ମହାନଦୀ ଶଯ୍ୟାର ମଧ୍ୟ ଭାଗରେ ଏକ ବିସ୍ତିର୍ଣ୍ଣ ପଥର ଚଟାଣ ରହିଛି । ଚଟାଣ ଉପରେ ଦେଉଳ ବା ମନ୍ଦିର ଆକୃତିର ସମ୍ପୂର୍ଣ୍ଣ ଭାବରେ ପଥରରେ ନିର୍ମିତ ସ୍ତୁପଟିଏ ରହିଛି । ଯାହାର ଉଚ୍ଚତା ପ୍ରାୟ ୨୦ଫୁଟ । ଏହାର ନିର୍ମାଣ ଶୈଳୀ ଖୁବ୍ ଆକର୍ଷଣୀୟ ଏବଂ ବେଶ୍ ପୁରାତନ ମନେ ହୁଏ । ଏହାର ସମ୍ମୁଖ ଭାଗରେ ଏକ ସ୍ତମ୍ଭ ମଧ୍ୟ ରହିଛି; ଯାହା ହିନ୍ଦୁ ମନ୍ଦିରଗୁଡ଼ିକରେ ଦେଖିବାକୁ ମିଳେ । ମୁଖ୍ୟ ମନ୍ଦିରର ଚୂଳ ନାହିଁ । ତେଣୁ ଏହା ଖଣ୍ଡିଆ ଦେଉଳ ନାମରେ ପରିଚିତ । ଏହି ଦେଉଳରେ କୌଣସି ଦେବା ଦେବୀ ପୂଜା ପାଆନ୍ତି ନାହିଁ । ପଥର ଚଟାଣର ୪ ଦିଗରେ ନଦୀର ଧାର ରହିଛି; ଯାହାର କୁଳୁକୁଳୁ ଶବ୍ଦ ପର୍ଯ୍ୟଟକଙ୍କ ମନକୁ ମୋହି ନେଇଥାଏ । ଏହି ଦେଉଳଟି କେବେ ନିର୍ମାଣ ହୋଇଥିଲା ଏବଂ କିଏ ଏହାକୁ ନିର୍ମାଣ କରିଥିଲେ ନିର୍ଦ୍ଦିଷ୍ଟ ଭାବେ ତାହାର କୌଣସି ଇତିହାସ ନାହିଁ । ଜଳଦେବୀଙ୍କ ଉପାସନା ଉଦ୍ଦେଶ୍ୟରେ ଏହା ନିର୍ମିତ ହୋଇଥିଲା ବୋଲି ବିଶ୍ୱାସ କରାଯାଏ । ଜନଶ୍ରୁତି ଅନୁଯାୟୀ ଥରେ ଜଣେ ସାଧୁବାବା ଆସି ଏହାକୁ ଶୈବ ପୀଠର ମାନ୍ୟତା ଦେବାକୁ ଚେଷ୍ଟା କରିଥିଲେ; କିନ୍ତୁ ନିଷ୍ଫଳ ହୋଇଥିଲେ । ବନ୍ୟା ସମୟରେ ମଧ୍ୟ ଏହି ପଥରରେ ନିର୍ମିତ ଦେଉଳଟି ବୁଡି ନ ଥାଏ । ମତ୍ସ୍ୟଜୀବୀ ଖରା ବେଳେ ଥକ୍କା ମେଣ୍ଟାଇବା ପାଇଁ ଏଠାରେ ଆଶ୍ରୟ ନେଇଥାନ୍ତି । ବର୍ଷର ବିଭିନ୍ନ ସମୟରେ ବିଶେଷ କରି ପିକ୍‌ନିକ୍ ଋତୁରେ ଦୂର ଦୂରାନ୍ତରୁ ଏଠାକୁ ଲୋକେ ଆସିଥାନ୍ତି । ତେବେ ଏହି ଖଣ୍ଡିଆ ଦେଉଳ ସମ୍ପର୍କରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି ।



